## ବନ ମହୋତ୍ସବ ପାଳିତ

କୋଡିଙ୍ଗା,(ସମରେନ୍ଦ୍ର ପଟ୍ଟନାୟକ)- ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୋଡ଼ିଙ୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟରେ ୭୪ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। କୋଡ଼ିଙ୍ଗା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପି.ସନ୍ତୋଷ କୁମାର ଓ କୋଡିଙ୍ଗା ରେଞ୍ଜର ବିଦ୍ୟୁତ ବିଶ୍ୱାସ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଆମ୍ବ, ଅଁଳା, ଫାସି, ବାହାଡା, ପଣସ, ହରିଡା, ଗମ୍ଭାରୀ, ଶିଶୁ, କାଞ୍ଚନ, କୃଷ୍ଣଚୂଡା, ରାଧାଚୂଡା, ସିତାଫଳ ଭଳି ବିଭିନ୍ନ କିସମର ପ୍ରାୟ ୭୦୦ଚାରା ରୋପଣ କରାଯାଇଥିଲା। ବନରକ୍ଷୀ ଦୀପକ ପ୍ରଧାନ, ପ୍ରଭାତ ବିଷୋୟୀ ବନବିଭାଗ ଓ ସ୍କୁଲ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

# ଗାଁରେ ପହଞ୍ଚି ଚିକିତ୍ସା କଲା ଡାକ୍ତରୀ ଟିମ୍

**ପିଲାଙ୍କଠାରେ ଚର୍ମରୋଗ ବ୍ୟାପିବା ଘଟଣା**

- ୨୪ଙ୍କଠାରେ କୁଣ୍ଡିଆ ଓ ୯ ଜଣଙ୍କ ମୁଣ୍ଡରେ ଘାଆ ହୋଇଥିବା ସୂଚନା
- ବର୍ଷାଦିନେ ନାଳନର୍ଦ୍ଦମା ସଫା ରଖିବାକୁ ପରାମର୍ଶ

ଝରିଗାଁ,୪।୭(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବଡ଼ଟେମରା ପଞ୍ଚାୟତ ଚେପଟିଆମ୍ବା ଗ୍ରାମରେ ଗତ ୧୫ଦିନ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ଶିଶୁ ଚର୍ମରୋଗରେ ଆକ୍ରାନ୍ତ ହେବା ଖବର ପ୍ରକାଶ ପରେ ମଙ୍ଗଳବାର ଝରିଗାଁ ସ୍ୱାସ୍ଥ୍ୟ ବିଭାଗର ଏମ୍ଏଚ୍ୟୁ ଟିମ୍ ସେଠାରେ ପହଞ୍ଚିଛନ୍ତି। ଡାକ୍ତରୀ ଟିମ୍ ପହଞ୍ଚିବା ପରେ ସେଠାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି। ଚେପଟିଆମ୍ବା ଏବଂ କରମଚାନ୍ଦଗୁଡ଼ା ଗ୍ରାମର ସମସ୍ତ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କୁଣ୍ଡିଆ ରୋଗରେ ଆକ୍ରାନ୍ତ ୨୪ ଓ ମୁଣ୍ଡରେ ଘାଆ ହୋଇଥିବା ୯ ଜଣ ଶିଶୁଙ୍କ ଚିକିତ୍ସା କରାଯାଇ ଔଷଧ ଦିଆଯାଇଥିବା ଏମ୍ଏଚ୍ୟୁ ଡାକ୍ତର ସନ୍ତୋଷ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ବର୍ଷାଦିନରେ ପାଖ ନାଳନର୍ଦ୍ଦମା ସଫା ରଖିବା ସହ ଯଦି ଗାଁରେ କେହି ଥଣ୍ଡା, କାଶ, ଜ୍ୱର ଝାଡାବାନ୍ତି ତଥା ଜଳବାହିତ ରୋଗରେ ଆକ୍ରାନ୍ତ ହୁଅନ୍ତି ତେବେ ତୁରନ୍ତ ନିକଟସ୍ଥ ମେଡିକାଲକୁ ଯିବାକୁ ଗ୍ରାମବାସୀଙ୍କୁ ପରାମର୍ଶ ଦିଆଯାଇଛି।


ଚେପଟିଆମ୍ବା ଗାଁରେ ମେଡିକାଲ ଟିମ୍ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

## ସଂକ୍ଷେପରେ

### କୂଅରେ ପଡ଼ି ଯୁବକ ମୃତ

ରାଇଘର, ୪।୭(କିରଣ ପଟ୍ଟନାୟକ)- ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଥାନା ଅଧୀନରେ ଥିବା ସନାରପାରା ଗ୍ରାମରେ ଜଣେ ଯୁବକ ଅସାବଧାନତା ବଶତଃ କୂଅ ଭିତରେ ପଡ଼ିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ହାଟଭରଣ୍ଡି ପଞ୍ଚାୟତ ସନାରପାରା ଗ୍ରାମର କନକ ମାଳି (୪୫)। ପୋଲିସ ସୂତ୍ରରୁ ପ୍ରକାଶ ଯେ କନକ ସୋମବାର ସନ୍ଧ୍ୟା ୫ଟାରେ ଘର ନିକଟରେ ଥିବା କୂଅ ପାଖରେ ଛିଡ଼ା ହୋଇ ହାତ ଗୋଡ଼ ଧୋଉଥିଲେ। ଏହି ସମୟରେ ସେ କୌଣସି କାରଣରୁ କୂଅରେ ପଡ଼ିଯାଇଥିଲେ। ଘଟଣା ସମ୍ପର୍କରେ ଜାଣି ପରିବାର ଲୋକେ କୁନ୍ଦେଇ ଥାନାରେ ଜଣାଇ ଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାଇଘର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ବେଶୀ ରାତି ହୋଇଯାଇଥିବାରୁ ମଙ୍ଗଳବାର ସକାଳୁ ମୃତଦେହ କୂଅରୁ ବାହାର କରାଯାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କୁନ୍ଦେଇ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସେଠୀ କହିଛନ୍ତି।

### ପ୍ରଧାନମନ୍ତ୍ରୀ ଆବାସ ଯୋଜନା କର୍ମଶାଳା



ଗୋବିନ୍ଦପାଲି,୪।୭(କାର୍ତ୍ତିକ ରଥ)- ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍ ଅନ୍ତର୍ଗତ କଦମଗୁଡା ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ସମ୍ପର୍କିତ ଏକ କର୍ମଶାଳା ହିତାଧିକାରୀମାନଙ୍କୁ ନେଇ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟନାରାୟଣ ଜିଗିଡ଼ି,କାର୍ଯ୍ୟନିର୍ବାହୀ ଅଧିକାରୀ ରେବତୀ ନାଥ ମାଝି, କନିଷ୍ଠ ଯନ୍ତ୍ରୀ ଦେବାଶିଷ ବେହେରା ଉପସ୍ଥିତ ରହି ଲୋକଙ୍କୁ ନିର୍ଦ୍ଧାରିତ ସମୟରେ କାମ ସାରିବାକୁ ଉତ୍ସାହିତ କରିଥିଲେ। ଠକଙ୍କ କବଳରେ ନ ପଡ଼ି ସରକାରଙ୍କ ଦ୍ୱାରା ପାଇଥିବା ଅର୍ଥ ରାଶିକୁ ଅନ୍ୟ ଦିଗରେ ଖର୍ଚ୍ଚ ନ କରି ନିଜେ ଯନ୍ତ୍ରୀ ଓ ନିର୍ବାହୀ ଅଧିକାରୀଙ୍କ ସହଯୋଗ ନେଇ ବିଭାଗୀୟ ନିୟମ ଅନୁସାରେ ଘର କାମ ସାରିବାକୁ ସରପଞ୍ଚ କହିଥିଲେ। ତିନୋଟି କିସ୍ତିରେ ଟଙ୍କା ମିଳିବ। ୪ ମାସ ଭିତରେ କାମ ସାରିଲେ ୨୦ ହଜାର ଟଙ୍କା ବୋନସ ମିଳିବ ବୋଲି କହିଥିଲେ।

# କୁରୁବ ଅଞ୍ଚଳରେ ମ୍ୟାଲେରିଆ ଦମନ କାର୍ଯ୍ୟକ୍ରମ

କାଳିମେଳା, ୪।୭(ଜୀବନକୃଷ୍ଣ ଦାସ )

ମାଲକାନଗିରି ଜିଲା କାଳିମେଳା ବ୍ଲକରେ ଦିନକୁ ଦିନ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧିପାଇବାରେ ଲାଗିଥିବା ବେଳେ ଏ ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଦୁର୍ଗମ ଅଞ୍ଚଳରେ ବାସ କରୁଥିବା ଲୋକମାନଙ୍କ ପାଇଁ ମ୍ୟାଲେରିଆ ଦମନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ମାସ ୧୮ ତାରିଖରେ ମାନ୍ୟମକୋଣ୍ଡା ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଡାବେଡା ଗ୍ରାମରେ ପ୍ରଥମ ପର୍ଯ୍ୟାୟ ସରିଥିବା ବେଳେ ଚଳିତ ମାସ ୩ ଓ ୪ ତାରିଖ ବଡିଗେଟା ପଞ୍ଚାୟତ କୁରୁବ ଗ୍ରାମରେ ମ୍ୟାଲେରିଆ ନିରାକରଣ ପାଇଁ ସ୍ୱତନ୍ତ୍ର ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ଏଡିପିଏଚ୍ଓ ଡାକ୍ତର ଧନେଶ୍ୱର ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ମୁକ୍ତିକାନ୍ତ ମଲ୍ଲିକ, ମହିଳା ସ୍ୱାସ୍ଥ୍ୟକର୍ମୀ ନିର୍ମଳା ମହାପାତ୍ର, ଆଶାକର୍ମୀ ବାସନ୍ତୀ ମାଡ଼ି ଓ କବିତା ପଡିଆମିଙ୍କ ସହଯୋଗରେ ପ୍ରତି ଗ୍ରାମରେ ମହିଳା ଶିଶୁ ଏବଂ ଅନ୍ୟାନ୍ୟ ଗ୍ରାମବାସୀଙ୍କ ମ୍ୟାଲେରିଆ ପରୀକ୍ଷା ସହ ଆକ୍ରାନ୍ତଙ୍କୁ ଔଷଧ ବଣ୍ଟନ, ବୟସ୍କ ବ୍ୟକ୍ତିଙ୍କ ରକ୍ତ ରକ୍ତଚାପ ଓ ମଧୁମେହ ପରୀକ୍ଷା, କିଶୋର ବାଳିକାଙ୍କର ହିମୋଗ୍ଲୋବିନ ପରୀକ୍ଷା ଏବଂ ଗର୍ଭବତୀଙ୍କ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ଦେଖିବାକୁ ମିଳିଥିଲା। ମାରିଗେଟା ସବ୍‌ସେଣ୍ଟର ଅଧୀନରେ ଥିବା ୧୫ ଗ୍ରାମ ଲୋକଙ୍କର ଏହି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ୨ଦିନରେ ମୋଟ ୨୬୩ ଜଣଙ୍କର ରକ୍ତ ଦ୍ୱାରା ମ୍ୟାଲେରିଆ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣ ମ୍ୟାଲେରିଆରେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ତାଙ୍କୁ ମ୍ୟାଲେରିଆ ଔଷଧ ପ୍ରଦାନ କରାଯାଇଥିଲା। ଏହି ଅଞ୍ଚଳ ଅତ୍ୟନ୍ତ ଦୁର୍ଗମ ତଥା ବଣପାହାଡ଼ ଘେରା ଗ୍ରାମ ହୋଇଥିବାରୁ ଏଠାରେ ମଶାବଂଶ ବୃଦ୍ଧି ପାଉଛି । ଏଥିସହ ଏ ଅଞ୍ଚଳର ଲୋକମାନେ ସଚେତନ ନ ଥିବାରୁ ଏହି ଅଞ୍ଚଳରୁ ଅଧିକ ମ୍ୟାଲେରିଆ ଆକ୍ରାନ୍ତ ଚିହ୍ନଟ ହେଉଥିବା ପରିଲକ୍ଷିତ ହେଉଛି। ସେଥିପାଇଁ ସର୍ବଦା ମଶାରି ବ୍ୟବହାରକରି ନିଜ ଘର ଚତୁଃପାର୍ଶ୍ୱକୁ ସଫାସୁତୁରା ରଖିବା ଇତ୍ୟାଦି ସଚେତନତା କରାଯାଇଥିଲା।

ଏଥିରେ ଜାତୀୟ ଭେକ୍ଟରବାହିତ ରୋଗ ଅଧିକାରୀ ରାକେଶ ବେପାରୀ, ବିପିଏମ୍ ବିକାଶ ମିଶ୍ର, ସ୍ଥାନୀୟ ଅଙ୍ଗନୱାଡି କର୍ମୀ ବିମଳା କବାସି ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକରୁ ସମ୍ପୂର୍ଣ୍ଣ ଭାବେ ମ୍ୟାଲେରିଆ ମୁକ୍ତ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ପଞ୍ଚାୟତରେ ଏଭଳି ଦମନ କାର୍ଯ୍ୟକ୍ରମ କରାଯାଉଛି, ଆଗକୁ ମଧ୍ୟ ଏହା ଜାରି ରହିବ ବୋଲି ମହାପାତ୍ର ପ୍ରକାଶ କରିଛନ୍ତି।

# 'ପ୍ରାକୃତିକ ଜଙ୍ଗଲ ସୁରକ୍ଷା, କୃତ୍ରିମ ଜଙ୍ଗଲ ସୃଷ୍ଟି କର'

- ୭୪ତମ ଜିଲାସ୍ତରୀୟ ବନ ମହୋତ୍ସବ
- ଜଙ୍ଗଲ ସୁରକ୍ଷା ପାଇଁ ଜବାଗୁଡ଼ା ଗାଁର ବନ ସୁରକ୍ଷା ସମିତି ପୁରସ୍କୃତ

ନବରଙ୍ଗପୁର,୪।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବନଖଣ୍ଡ ଅଧୀନ ତାରାଗାଁ ଫରେଷ୍ଟ ସେକ୍ସନର ପାତ୍ରମୁଣ୍ଡା ଗାଁ ନିକଟରେ ବନ ବିଭାଗ ପକ୍ଷରୁ ୭୪ତମ ଜିଲାସ୍ତରୀୟ ବନ ମହୋତ୍ସବ ପାଳନ କରାଯାଇଛି। ବନଖଣ୍ଡ ଅଧିକାରୀ ପ୍ରସନ୍ନ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ମନୋହର ରନ୍ଧାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରତ୍ୟେକ ବ୍ୟକ୍ତି ଗଛଟିଏ ଲଗାଇବା ଓ ତାହାର ଯତ୍ନନେବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ପ୍ରାକୃତିକ ଜଙ୍ଗଲର ସୁରକ୍ଷା ଦେବା ସହ କୃତ୍ରିମ ଜଙ୍ଗଲ ସୃଷ୍ଟି କରିବାକୁ ସେ ମତ ଦେଇଥିଲେ। ସମ୍ମାନିତ ଅତିଥିଭାବେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଯୋଗଦେଇଥିଲେ। ବୃକ୍ଷ ହିଁ ଜୀବନ। ଜଙ୍ଗଲ ଓ ବୃକ୍ଷଲତା ସହ ଆମ ସଂସ୍କୃତି ଜଡ଼ିତ। ଗଛଟିଏ ଲଗାଇବା ଯେତିକି ପୁଣ୍ୟ କାମ ତାହାକୁ ଯତ୍ନକରି ବଢ଼ାଇବା ଓ ସୁରକ୍ଷା ଦେବା ମଧ୍ୟ ଜରୁରୀ ବୋଲି ସେ କହିଥିଲେ। ବନ ସୁରକ୍ଷା ଅଧକ୍ଷ ତଥା ଜିଭିଏସ୍ ମୁଖ୍ୟ ଈଶ୍ୱର ଚନ୍ଦ୍ର ସାବୁତ କାର୍ଯ୍ୟକ୍ରମରେ ଯୋଗଦେଇ ଗଛ ଲଗାଇବା ଓ ବନ ମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡାବୁଗାଁ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଜବାଗୁଡ଼ା ଗାଁର ବନ ସୁରକ୍ଷା ସମିତିକୁ ମାନପତ୍ର ଓ ଅର୍ଥରାଶି ଦେଇ ପୁରସ୍କୃତ କରାଯାଇଛି। ସମସ୍ତ କାର୍ଯ୍ୟକ୍ରମକୁ ସହକାରୀ ବନ ସଂରକ୍ଷକ ଧନୁର୍ଜ୍ଜୟ ମହାପାତ୍ର ପରିଚାଳନା କରିଥିଲେ। ପରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସମୟରେ ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।


ଜବାଗୁଡ଼ା ଗାଁର ବନ ସୁରକ୍ଷା ସମିତିକୁ ପୁରସ୍କୃତ କରାଯାଉଛି।

### ସାପ କାମୁଡ଼ାରେ ନାବାଳକ ମୃତ

ଉମରକୋଟ, ୪।୭(ସନ୍ତୋଷ ଶତପଥୀ)

ସାପ କାମୁଡ଼ାରେ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନବରଙ୍ଗପୁର ଜିଲା ଚାନ୍ଦାହାଣ୍ଡି ବ୍ଲକ ଗରଖଣ୍ଡି ଗ୍ରାମର ଅରୁଣ ବେମାଲ(୧୧)। ସୂଚନାନୁଯାୟୀ ଅରୁଣ ସୋମବାର ରାତିରେ ଘରେ ଶୋଇଥିବା ସମୟରେ ଏକ ବିଷାକ୍ତ ତାଙ୍କୁ କାମୁଡି ଦେଇଥିଲା। ସାପ କାମୁଡ଼ାରେ ଜଳାପୋଡା ହେବାରୁ ଅରୁଣ ଚିତ୍କାର କରିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପ୍ରଥମେ ଚାନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ପରିବାର ଲୋକେ ଚାନ୍ଦାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

# ଦୃଷ୍ଟିବାଧିତ ୨ମେଧାବୀ ଛାତ୍ରଙ୍କୁ ଲାପ୍‌ଟପ୍

ମାଲକାନଗିରି, ୪।୭(ଦୁର୍ଯ୍ୟୋଧନ ପାତ୍ର)


ଜଣେ ଛାତ୍ରଙ୍କୁ ଜିଲାପାଳ ବିଶାଲ ସିଂ ଲାପ୍‌ଟପ୍ ପ୍ରଦାନ କରୁଛନ୍ତି।

ଦୃଷ୍ଟିବାଧିତ ୨ ମେଧାବୀ ଛାତ୍ରଙ୍କୁ ଜିଲାପାଳ ସୋମବାର ଲାପ୍‌ଟପ୍ ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ମାଲକାନଗିରି ଜିଲାପାଳ ବିଶାଳ ସିଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ମାଧ୍ୟମରେ ମାଲକାନଗିରି ଜିଲାର ୨ଜଣ ଦୃଷ୍ଟିବାଧିତ ଛାତ୍ରଙ୍କୁ ୨ଟି ଲାପ୍‌ଟପ୍ ପ୍ରଦାନ କରିଥିଲେ। ମାଲକାନଗିରି ସଦର ବ୍ଲକର ଛାତ୍ର ଦିବ୍ୟରଞ୍ଜନ ମହାନ୍ତି ଓ କାଳିମେଳା ବ୍ଲକର କୁନାଲ ଚନ୍ଦ୍ର ଦାସଙ୍କୁ ଏହି ଲାପ୍‌ଟପ୍ ଦିଆଯାଇଛି। ସେମାନେ ଦୃଷ୍ଟିବାଧିତ ହୋଇଥିବା ସତ୍ତ୍ୱେ କଠିନ ପରିଶ୍ରମକରି ନିଜର ପାଠପଢ଼ା ଜାରି ରଖିଥିବାରୁ ଉଭୟଙ୍କୁ ଏହି ଲାପ୍‌ଟପ୍ ପ୍ରଦାନ କରାଯାଇଛି । ସେମାନେ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି ।

### ଗଣଶିକ୍ଷା ବିଭାଗ ଉପଦେଷ୍ଟାଙ୍କ ବିଭିନ୍ନ ସ୍କୁଲ ପରିଦର୍ଶନ

ପାପଡ଼ାହାଣ୍ଡି,୪।୬(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକର ବିଭିନ୍ନ ବିଦ୍ୟାଳୟକୁ ମଙ୍ଗଳବାର ରାଜ୍ୟ ଗଣଶିକ୍ଷା ବିଭାଗ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ ପରିଦର୍ଶନ କରିଥିଲେ। ସେ ଛାତ୍ରୀଛାତ୍ରଙ୍କ ସହ ବିଭିନ୍ନ ଶିକ୍ଷା ସମ୍ବନ୍ଧୀୟ ଆଲୋଚନା କରିଛନ୍ତି। ପ୍ରଥମେ ସେ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ବିଦ୍ୟାଳୟର ପ୍ରିନ୍ସିପାଲ ସୁଚିସ୍ମିତା ନାୟକ ଓ ଛାତ୍ରୀଛାତ୍ର ତାଙ୍କୁ ସ୍ୱାଗତ କରିଥିଲେ। ଉପଦେଷ୍ଟା ଛାତ୍ରୀଛାତ୍ରଙ୍କ ସହ ପାଠ୍ୟ ସମ୍ବନ୍ଧୀୟ ଆଲୋଚନା କରିଥିଲେ। ଜିଲାରେ ପାପଡ଼ାହାଣ୍ଡି ଆଦର୍ଶ ବିଦ୍ୟାଳୟକୁ ପ୍ରଥମ ସ୍ଥାନରେ ରଖିବା ଲାଗି କହିଥିଲେ। ବିଦ୍ୟାଳୟରେ ଥିବା ଆର୍ଟ ଗ୍ୟାଲେରି ଯାଇ ବିଭିନ୍ନ ଫଟୋ ଦେଖି ପ୍ରଶଂସା କରିଥିଲେ। ଶିକ୍ଷକ ମାଧବ ମଣ୍ଡଳଙ୍କ ଫଟୋଚିତ୍ର ଦେଖି ଖୁସିବ୍ୟକ୍ତ କରିଥିଲେ। ସେଠାରୁ ସେ ଦଳେଇଗୁଡ଼ା ଲାଲ ବାହାଦୁର ହାଇସ୍କୁଲ ଯାଇଥିଲେ। ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଶିକ୍ଷା ସମ୍ବନ୍ଧୀୟ ଆଲୋଚନା କରିଥିଲେ। ଏହି ସମୟରେ ଡିଇଓ ପ୍ରଦୀପ କୁମାର ନାଗ, ଏଡିଇଓ ରେଶମଲାଲ ନାୟକ, ବିଇଓ ସୋମରେନ୍ଦ୍ର ଭୌମିକ, ଏବିଇଓ ବାଳକ ଦାସ ରନ୍ଧାରି, ପୂର୍ଣ୍ଣଚନ୍ଦ୍ର ପୂଜାରୀ ଓ ସୁଦର୍ଶନ ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱଚ୍ଛ ଅମ୍ଳଜାନ ପାଇଁ ଚାରାରୋପଣ ଜରୁରୀ

ଚନ୍ଦାହାଣ୍ଡି, ୪।୭(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମୋହରା ଯାଦବ ମାଝି ବାଳିକା ଉଚ୍ଚ ବିଦ୍ୟାଳୟରେ ଝରିଗାଁ ବନାଞ୍ଚଳ, ନବରଙ୍ଗପୁର ବନଖଣ୍ଡ ସୌଜନ୍ୟରେ ଚନ୍ଦାହାଣ୍ଡି ବନବିଭାଗ ପକ୍ଷରୁ ମଙ୍ଗଳବାର ଚାରା ରୋପଣ କରାଯାଇଛି। ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଝରିଗାଁ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଓଏଲ୍ଆଇସି ଉପଦେଷ୍ଟା ପ୍ରମୋଦ ପାଢ଼ୀ, ବ୍ଲକ ଅଧକ୍ଷା ସୁମିତ୍ରା ପୂଜାରୀ, କଦମ ପୂଜାରୀ, ଗୌରହରି ନାୟକ, ବଳରାମ ପଟ୍ଟନାୟକ, ଚୈତୁରାମ ଦଣ୍ଡସେନା, ଚନ୍ଦାହାଣ୍ଡି ସମିତି ସଭ୍ୟ ପୌରସ ମାଝି, ଶରତ ମାଝି, ବନପାଳ ବିପିନ ଚନ୍ଦ୍ର ହରିଜନ, କମଳା କାନ୍ତ ନାଗ, ଫରେଷ୍ଟଗାର୍ଡ ପରେଶ ବିଷୋୟୀ, କୃଷ୍ଣଚନ୍ଦ୍ର ବିଷୋୟୀ, ତାପସ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱଚ୍ଛ ଅମ୍ଳଜାନ ନିମନ୍ତେ ଚାରାରୋପଣ ଛଡା ବିକଳ୍ପ ନାହିଁ ବୋଲି ଅତିଥିମାନେ କହିଥିଲେ। ଏହାପରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ତରଣୀ ସାହୁ ପରିଚାଳନା କରିଥିଲେ। ସେହିଭଳି ଅନକାବେଡା ପେଣ୍ଡ୍ରାଣୀ ହାଇସ୍କୁଲ, ପୂଜାରୀଗୁଡ଼ା ହାଇସ୍କୁଲ, ଫଟକି ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୪ଶହରୁ ଊର୍ଦ୍ଧ୍ୱ ଚାରା ଲଗାଯାଇଛି।


ଯାଦବ ମାଝି ବାଳିକା ହାଇସ୍କୁଲରେ ଚାରାରୋପଣ ବେଳେ ଉପସ୍ଥିତ ଅତିଥି, ଛାତ୍ରୀ ଓ ଅନ୍ୟମାନେ।

# ଶିକ୍ଷାରେ ନବରଙ୍ଗପୁରକୁ ୧ନଂ କରାଯିବ

ନବରଙ୍ଗପୁର,୪।୭(ସଦାଶିବ ପ୍ରହରାଜ)



ବୈଠକରେ ଶିକ୍ଷା ବିଭାଗର ପ୍ରମୁଖ ଉପଦେଷ୍ଟା, ନବରଙ୍ଗପୁର ଜିଲାପାଳ ଓ ଅନ୍ୟମାନେ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଏବଂ ଶିକ୍ଷା ବିଭାଗର ପ୍ରମୁଖ ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ ନବରଙ୍ଗପୁର ଜିଲା ଗସ୍ତରେ ଆସି ପାପଡାହାଣ୍ଡି ଆଦର୍ଶ ବିଦ୍ୟାଳୟ ଓ ଲାଲ ବାହାଦୂର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରେ ନବରଙ୍ଗପୁର ମିଶନ ଶକ୍ତି ସଭା ଗୃହରେ ଜିଲାସ୍ତରୀୟ ସମୀକ୍ଷା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ନବରଙ୍ଗପୁର ଜିଲାକୁ ଶିକ୍ଷା କ୍ଷେତ୍ରରେ ୧ନଂ ଜିଲାଭାବେ ଗଢ଼ି ତୋଳିବାକୁ ସବୁ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ ବୋଲି ଉପଦେଷ୍ଟା ତ୍ରିପାଠୀ କହିଥିଲେ।

ଉପସ୍ଥାପନ ବୃଦ୍ଧି ଦିଗରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଦ୍ୟାଳୟ ସୁପରିଚାଳନା ପାଇଁ ଆବଶ୍ୟକ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି, ସୁସ୍ଥ ପ୍ରରିବେଶ ସୃଷ୍ଟି କରି ଶିକ୍ଷାର ମାନ ବୃଦ୍ଧି ପାଇଁ ଉତ୍ତମ ପରିବେଶ ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିପାଇଁ ଶିକ୍ଷୟତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଆନ୍ତରିକ ସହଯୋଗ ଜରୁରୀ ବୋଲି ସେ କହିଥିଲେ। ଜିଲାଶିକ୍ଷା ବିଭାଗ ଓ ସମଗ୍ର ଶିକ୍ଷା ଅଭିଯାନ ବିଦ୍ୟାଳୟର ଆବଶ୍ୟକତା ଉପରେ ଗୁରୁତ୍ୱ ଦେବେ। ୨୦୦୩-୦୪ରୁ ୨୦୧୩-୧୪ ବର୍ଷ ମଧ୍ୟରେ ଜିଲାରେ ୬୯୬ ନୂତନ ପ୍ରାଥମିକ ବିଦ୍ୟାଳୟ ଖୋଲା ଯାଇଛି। ରାମସାରେ ୨୦୦୯-୧୦ରୁ ୨୦୧୪-୧୫ ବର୍ଷ ମଧ୍ୟରେ ୧୦୮ ବିଦ୍ୟାଳୟ ଖୋଲାଯାଇଛି। କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ୧୧ଟି ଆବାସିକ ବିଦ୍ୟାଳୟ ରହିଛି। ସେଥି ମଧ୍ୟରୁ ୨୦୧୮-୧୯ରୁ ୨୦୨୨-୨୩ ବର୍ଷ ମଧ୍ୟରେ ୭ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲା ଯାଇଛି। ଜିଲାରେ ମୋଟ ୧୯୫୭ ବିଦ୍ୟାଳୟ ରହିଛି। ସେଥିମଧ୍ୟରୁ ପ୍ରାଥମିକ ବିଦ୍ୟାଳୟ ୧୧୦୫, ଉଚ୍ଚ ପ୍ରାଥମିକ ୫୮୦, ଉଚ୍ଚ ବିଦ୍ୟାଳୟ ୨୧୫, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୫୭, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ୧୧, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୧୦, କେନ୍ଦ୍ରୀୟ ବିଦ୍ୟାଳୟ, ଜବାହାର ନବୋଦୟ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଗୋଟିଏ ଲେଖାଏ, ଖାତିଗୁଡା ପ୍ରକଳ୍ପ ବିଦ୍ୟାଳୟ ୩ଟି, ଅନୁଦାନ ପ୍ରାପ୍ତ ୭୧ ଓ ଘରୋଇ ବିଦ୍ୟାଳୟ ୭୯ ବିଦ୍ୟାଳୟ ରହିଥିବା ଉପଦେଷ୍ଟାଙ୍କୁ ସୂଚନା ଦିଆଯାଇଛି। ୩ଟି ପର୍ଯ୍ୟାୟରେ ୧୭୪ ହାଇସ୍କୁଲ ରୂପାନ୍ତରିତ କରାଯାଇଛି। ଏବେ ପୁଣି ୫୮ ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟ ଚାଲିଛି। ଏହି ସମୀକ୍ଷା ବୈଠକରେ ଜିଲାପାଳ କମଳ ଲୋଚନ ମିଶ୍ର, ଡିଇଓ ପ୍ରଦୀପ ନାଗ, ସମନ୍ୱିତ ଅନୁସୂଚିତ ଜାତି ଓ ଜନଜାତି ପ୍ରକଳ୍ପ ପ୍ରଶାସକ ରାଜୀବ ସାହୁ, ଜିଲା ମଙ୍ଗଳ ଅଧିକାରୀ ପଲକା ରବୀନ୍ଦ୍ର, ରାସ୍ତା ଓ ଗୃହନିର୍ମାଣ ଅଧିକ୍ଷଣ ଯନ୍ତ୍ରୀ ପ୍ରଫୁଲ୍ଲ ମିଶ୍ର, ଜିଲା ଯୋଜନା ସଂଯୋଜକ ପ୍ରଦୀପ୍ତ ଷଡଙ୍ଗୀ, ଅତିରିକ୍ତ ନିର୍ବାହୀ ଅଧିକାରୀ (ଜିଲାପରିଷଦ) ଦୁର୍ଯ୍ୟୋଧନ ଭୋଇ, ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପତ୍ର, ଡଇଇଓ ରେଶମ ଲାଲ ନାୟକ, ବିଶ୍ୱନାଥ ସାହୁ, ଓଏଭିର ପ୍ରିନ୍ସିପାଲ, ମହାବିଦ୍ୟାଳୟର ଅଧାପକ, ଡିଆଇପିଆର୍‌ଓ ହଳଧର ନିଆଲ ଉପସ୍ଥିତ ଥିଲେ। ପିଏଆଇଟିଡିଏ ରାଜୀବ ସାହୁ ଧନ୍ୟବାଦ ଦେଇଥିଲେ।

# ରାସ୍ତା ମଝିରେ ଗାତ ଖୋଳି ଚାଲିଛି ପାଇପ ବିଛା କାମ

- ପାନୀୟ ଜଳ ଯୋଗାଣ କାର୍ଯ୍ୟ ଶୈଳୀକୁ ନାପସନ୍ଦ
- ପୌର ପରିଷଦର ନିୟମ ଉଲ୍ଲଂଘନ କରି କାମ କରାଯାଉଥିବା ଅଭିଯୋଗ

ଉମରକୋଟ, ୪।୭(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳରେ ଜନସ୍ୱାସ୍ଥ୍ୟ ବିଭାଗର ପାନୀୟ ଜଳ ଯୋଗାଣ କାର୍ଯ୍ୟ ଶୈଳୀକୁ ନେଇ ଲୋକେ ନାପସନ୍ଦ କରିଛନ୍ତି। ଲୋକଙ୍କୁ ପାନୀୟ ଜଳ ଯୋଗାଣ ନାମରେ ଉମରକୋଟ ପୌର ପରିଷଦ ଅଧୀନ ଦର୍ଗାଗୁଡ଼ା ରାସ୍ତା ମଝିରେ ଗାତ ଖୋଳି ପାଇପ ବିଛେଇ ଚାଲିଛି ଜନସ୍ୱାସ୍ଥ୍ୟ ବିଭାଗ।

କିଛିଦିନ ତଳେ ପୌର ପରିଷଦ ପକ୍ଷରୁ ଦର୍ଗାଗୁଡ଼ା କେନାଲ ଛକରେ ଚାରୋଟି ଭେଣ୍ଡିଂ ଜୋନ୍ ତିଆରି କରାଯାଇଥିଲା। ଭେଣ୍ଡିଂ ଜୋନ୍ ସମ୍ମୁଖରେ ପେଭର ଇଟା ପକାଯାଇଥିଲା। ଏବେ ଉକ୍ତ ଇଟାଗୁଡ଼ିକୁ ଭାଙ୍ଗି ପାଣିପାଇପ ବିଛାଯାଇଛି। ପୌର ପରିଷଦ ନିୟମାନୁଯାୟୀ ଉକ୍ତ କାର୍ଯ୍ୟ କରିବା ପୂର୍ବରୁ ପୌର ପରିଷଦରୁ ଅନୁମତି ନେବା କଥା। ଏଥିସହ କିଛି ଅର୍ଥ ପୌର ପରିଷଦରେ ପୈଠ କରାଯିବା ନିୟମ ମଧ୍ୟ ରହିଛି। କୌଣସି ନିୟମ ନ ମାନି ଜନସ୍ୱାସ୍ଥ୍ୟ ବିଭାଗ ମନଇଚ୍ଛା କାର୍ଯ୍ୟ କରିଚାଲିଛି। ଘଟଣାକୁ ନେଇ ପୌର ନିର୍ବାହୀ ଅଧିକାରୀ ରଷି ମାଝିଙ୍କୁ ପଚାରିବାରୁ ଘଟଣା ବିଷୟରେ ଜାଣିନାହିଁ। ଆପଣଙ୍କ ମାଧ୍ୟମରେ ଜାଣିଲି। କାର୍ଯ୍ୟ କରିଥିବା ଜନସେବା ସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀଙ୍କ ସହ କଥା ହୋଇ ତୁରନ୍ତ ମରାମତି ପାଇଁ କୁହାଯିବ ବୋଲି ସେ କହିଛନ୍ତି। ଜନସେବା ସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ ନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ। ବୁଧବାର ସୁଦ୍ଧା ପେଭର ଇଟା ପକାଇ ମରାମତି କରିଦେବେ ବୋଲି ସେ ସୂଚନା କହିଛନ୍ତି।


ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ ବିଛାଇବାକୁ ରାସ୍ତା ଖୋଳାଯାଇଛି।

### ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ, ସୁଧ ରିହାତି ସଚେତନତା

ଚିତ୍ରକୋଣ୍ଡା, ୪।୭(କ୍ଷୀରୋଦ ବେହେରା)

ଚିତ୍ରକୋଣ୍ଡା ବ୍ଲକ ଓଡିଶା ଜୀବିକା ମିଶନ ଓ ମିଶନ ଶକ୍ତି ମିଳିତ ଆନୁକୂଲ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ସୁଧ ରିହାତି ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହିଳାଙ୍କୁ ଋଣ ଉପରେ ସୁଧ ଟଙ୍କା ଛାଡ଼ କରାଯାଇଥିଲା। ଯଦି ଗୋଷ୍ଠୀ ନେଇଥିବା ଋଣ ଉପରେ ସୁଧ କଟିଛି ତେବେ ଏକ କାଳୀନ କିଭଳି ସମସ୍ତ ସୁଧ ଟଙ୍କା ଗୋଷ୍ଠୀ ଖାତାକୁ ଫେରସ୍ତ ହେଉଛି ସେ ଉପରେ ସଚେତନ କରାଯାଇଥିଲା। ପଣଷପୁଟ ସରପଞ୍ଚ ଅର୍ଜୁନ ହନ୍ତାଳ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ତାଲିମ ଦାତା ଭାବେ ବିପିନ ବିହାରୀ ଶତପଥୀ ଏବଂ ବିପିଏମ ପର୍ଶୁରାମ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଆଇସିଡିଏସ୍ ସୁପରଭାଇଜର ଗାଙ୍ଗେଇ ଶ୍ରୀରାମ, ବିଏଲସି ସୋମନାଥ କୁମ୍ଭାର ଓ ମିଶନ ଶକ୍ତି ସଂଯୋଜକ ରବୀନ୍ଦ୍ର ଭୂୟାଁ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସଚେତନତା କାର୍ଯ୍ୟକ୍ରମ

ପଡିଆ,୪।୭(ଭାସ୍କର ରାଓ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଗ୍ରାମୀଣ ସଚେତନା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ରାମକୃଷ୍ଣ ନାୟକଙ୍କ ସହ ପିଇଓ ଏବଂ ଜିଆରଏସ୍‌ମାନେ ଯୋଗଦେଇଥିଲେ। ମଙ୍ଗଳବାର ଗିରକାନପଲ୍ଲୀ, ମାଟେରୁ, ନିଳିଗୁଡା, ଏବଂ ଉଣ୍ଡୁରୁ କୋଣ୍ଡା ପଞ୍ଚାୟତର ହିତାଧିକାରୀମାନଙ୍କୁ ୱାର୍କ ଅର୍ଡର ପ୍ରଦାନ କରାଯିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ନିୟମାବଳୀ ଉପରେ ସଚେତନ କରାଯାଇଥିଲା। ହିତାଧିକାରୀଙ୍କୁ ସେମାନଙ୍କ ଆକାଉଣ୍ଟକୁ ପ୍ରଥମ କିସ୍ତିରେ ୪୦ହଜାର ଟଙ୍କା ଜମା କରାଯିବ । ଦ୍ୱିତୀୟ କିସ୍ତିରେ ୬୫ହଜାର, ସମ୍ପୂର୍ଣ୍ଣ ହେଲେ ଅବଶିଷ୍ଟ ଟଙ୍କା ପ୍ରଦାନ କରାଯିବ। ମୋଟ ୧ ଲକ୍ଷ ୩୦ ହଜାର ଟଙ୍କା ମିଳିବ।କେହି ହିତାଧିକାରୀ ୪ ମାସ ମଧ୍ୟରେ ଗୃହ ସମ୍ପୂର୍ଣ୍ଣ କରୁଛନ୍ତି ତେବେ ତାଙ୍କୁ ବୋନସ ଆକାରରେ ୪୦ହଜାର ଟଙ୍କା ମିଳିବ। ଯଦି ୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରୁଛନ୍ତି ୧୦ହଜାର ଟଙ୍କା ବୋନସ ପାଇବେ। ଯଦି ୧ବର୍ଷ ମଧ୍ୟରେ କଲେ କୌଣସି ବୋନସ ପାଇବେ ନାହିଁ। କନିୟମ ଅନୁଯାୟୀ ହିତାଧିକାରୀ ୧ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରିବେ ବୋଲି ସମସ୍ତ ସଚେତନ କରାଯାଇଥିଲା। ୨ ଦିନ ମଧ୍ୟରେ ପଡିଆ ବ୍ଲକର ୮ ପଞ୍ଚାୟତରୁ ଆସିଥିବା ୧୬୯୫ ଗୃହ ପ୍ରଦାନ କରାଯାଇଛି। ଏମାନଙ୍କୁ ବିଡିଓ ନାୟକ ୱାର୍କ ଅର୍ଡର ପ୍ରଦାନ କରିବା ସହ କାର୍ଯ୍ୟର ନିୟମାବଳୀ ଉପରେ ସଚେତନ କରିଥିଲେ। ଯେତେ ଶୀଘ୍ର ନିର୍ମାଣ କାର୍ଯ୍ୟ ସାରି ବୋନସର ହକ୍‌ଦାର ହେବା ପାଇଁ ସଚେତନ କରିଥିଲେ ।



ହିତାଧିକାରୀଙ୍କୁ ଗୃହ ନିର୍ମାଣ ବିଷୟରେ ସଚେତନ କରାଯାଉଛି।

## ସଂକ୍ଷେପରେ

### ସୁନାଦୋକାନରୁ ଚୋରି

ରାମନାଗୁଡ଼ା,୪।୭(ସଞ୍ଜୟ ପ୍ରଧାନ)- ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ସଦର ମୁଖ୍ୟ ବଜାର ନିକଟରେ ଥିବା ମା' ଶାରଳା ସୁନାଦୋକାନରେ ପଶି କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ଦୋକାନର ତାଲା ଭାଙ୍ଗି ୧୦ ହଜାର ଟଙ୍କା ସହ ୪ ଗ୍ରାମ୍ ସୁନା, ୩୦୦ଗ୍ରାମ ରୁପା ଅଳଙ୍କାର ଚୋରି କରିନେଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ମା ଶାରଳା ସୁନାଦୋକାନର ମାଲିକ ଦୀପକ କୁମାର ସାହୁ ପ୍ରତିଦିନ ଭଳି ସୋମବାର ରାତି ୯ଟାରେ ଦୋକାନ ବନ୍ଦକରି ଘରକୁ ଯାଇଥିଲେ। ମଙ୍ଗଳବାର ସକାଳୁ ଘରମାଲିକ ଦୋକାନ ତାଲା ଭଙ୍ଗା ପଡ଼ିଥିବା ଦେଖି ଏ ସମ୍ପର୍କରେ ଦୋକାନ ମାଲିକ ଦୀପକଙ୍କୁ ଖବର ଦେଇଥିଲେ। ପରେ ଦୀପକ ଦୋକାନରୁ ଚୋରିହୋଇଥିବା ନେଇ ରାମନାଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ସୋମବାର ରାତି ୧୨ଟା ୫୫ମିନିଟ୍‌ରେ ୨ଜଣ ଦୁର୍ବୃତ୍ତ ତାଲା ଭାଙ୍ଗି ଚୋରି କରିନେଇଥିବା ନିକଟସ୍ଥ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ଦୀର୍ଘଦିନ ହେବ ରାମନାଗୁଡ଼ା ଅଞ୍ଚଳରେ ଚୋରି ବଢ଼ୁଥିବା ବେଳେ ସ୍ଥାନୀୟ ପୋଲିସ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାତିରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉ ନ ଥିବାରୁ ଅଞ୍ଚଳରେ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଥିବା ଅଭିଯୋଗ ହେଉଛି।

### ଚିନାସାରିରେ ବ୍ଲକ୍ କାର୍ଯ୍ୟାଳୟ ଖୋଲିବାକୁ ଦାବି



ଗୁଣପୁର, ୪।୭(ପ୍ରଦୀପ କୁମାର ପାଢ଼ୀ)- ଗୁଣପୁର ବ୍ଲକର ଚିନାସାରିଠାରେ ବ୍ଲକ କାର୍ଯ୍ୟାଳୟ ଖୋଲିବା ପାଇଁ ଏକ ନୂଆ ଦାବି ମୁଣ୍ଡ ଟେକିଛି । ଏ ନେଇ ପଞ୍ଚାୟତର ରମ୍ଭାତି ଗ୍ରାମଠାରେ ଏକ ବୈଠକ ହୋଇଥିଲା। ସରପଞ୍ଚ ରାଜେଶ୍ୱର ଶବର, ସମିତି ସଭ୍ୟ ସିନେମି ଶବର, ନାଏବ ସରପଞ୍ଚ ରୀନା ଗମାଙ୍ଗଙ୍କ ସମେତ ବିଭିନ୍ନ ୱାର୍ଡର ସଭ୍ୟମାନେ ଯୋଗଦେଇ ସେଠାରେ ବ୍ଲକ୍ କାର୍ଯ୍ୟାଳୟ ଖୋଲିବା ଯଥାର୍ଥତା ଉପରେ ମତ ରଖିଥିଲେ। ପୂର୍ବତନ ଲୋକ ପ୍ରତିନିଧିଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ବୈଠକରେ ଯୋଗଦେଇ ନିଜର ମତ ଉପସ୍ଥାପନା କରିଥିଲେ। ପୂର୍ବରୁ ପଟାସିଂଠାରେ ବ୍ଲକ କାର୍ଯ୍ୟାଳୟ ଖୋଲିବାକୁ ଦାବି କରାଯାଉଥିବା ବେଳେ ବର୍ତ୍ତମାନ ଚିନାସାରିଠାରେ ବ୍ଲକ ଅଫିସ ଖୋଲିବା ପାଇଁ ଦାବି ହୋଇଛି। ଏପରି ଦୁଇଟି ଦାବି ଭବିଷ୍ୟତରେ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି।

### ୫ବର୍ଷ ପରେ ସ୍ଥାୟୀ ବିଇଓ ନିଯୁକ୍ତ

ଗୁଡ଼ାରି, ୪।୭ (ପ୍ରମୋଦ କୁମାର ପତି)- ଦୀର୍ଘ ୫ ବର୍ଷ ପରେ ଗୁଡ଼ାରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଜଣେ ସ୍ଥାୟୀ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ନିଯୁକ୍ତି ହୋଇଛନ୍ତି। ରତ୍ନମୟୀ ପୁରୋହିତ ମଙ୍ଗଳବାର ଗୁଡ଼ାରିର ନୂତନ ବିଇଓ ଭାବେ ଦାୟିତ୍ୱ ନେଇଛନ୍ତି। ୨୦୧୭ ରେ ତତ୍କାଳୀନ ବିଇଓ ଗଣେଶ ଭୋଇ ଅବସର ନେବା ପରେ ପଦ୍ମପୁର ଓ ଗୁଣପୁର ବ୍ଲକ ବିଇଓ ଗୁଡ଼ାରି ବିଇଓ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ଗୁଡ଼ାରିରେ କୌଣସି ଶିକ୍ଷା ସମ୍ବନ୍ଧୀୟ ସମସ୍ୟା କିମ୍ବା ପରାମର୍ଶ ନେବା ପାଇଁ ଅଞ୍ଚଳବାସୀ ବହୁତ ହଇରାଣ ହେଉଥିଲା। ନୂତନ ବିଇଓଙ୍କୁ ୨ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନବକୃଷ୍ଣ ଗମାଙ୍ଗ ଓ ଚାଙ୍ଗୁଡା ରୂପ ମାଝି, ସମସ୍ତ ସିଆର୍‌ସିସି ଏବଂ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସ୍ୱାଗତ ଜଣାଇଥିଲେ। ଶିକ୍ଷା କ୍ଷେତ୍ରରେ ଗୁଡ଼ାରି ବ୍ଲକକୁ ଜିଲାରେ ୧ ନମ୍ବର କରିବା ପାଇଁ ସେ ସମସ୍ତ କର୍ମଚାରୀଙ୍କ ସହଯୋଗ କାମନା କରିଥିଲେ।

### ନୂତନ ପ୍ରାଣୀଧନ ସହାୟକ କେନ୍ଦ୍ର ଉଦ୍‌ଘାଟିତ



ଚନ୍ଦ୍ରପୁର,୪।୭ (ବିଜୟ ପ୍ରସାଦ ଉଲ୍ଲାକା) - ଚନ୍ଦ୍ରପୁର ବ୍ଲକର ବୁଢ଼ିବାଲି ପଞ୍ଚାୟତ ଯାରପା ଗ୍ରାମଠାରେ ମଙ୍ଗଳବାର ନୂତନ ପ୍ରାଣୀଧନ ସହାୟକ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବୁଢ଼ିବାଲି ସରପଞ୍ଚ ଭୀମ ଗୋଗେରେଙ୍ଗା ଯୋଗଦେଇ ଫିତ କାଟି ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଚନ୍ଦ୍ରପୁର ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ପ୍ରିୟବ୍ରତ ପାତ୍ର, ଅତିରିକ୍ତ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଶଙ୍କର ହିଆଲ, ପ୍ରାଣୀଧନ ନିରୀକ୍ଷକ ରାଜ ସିଂ ବାହିନୀପତି, ପ୍ରାଣୀମିତ୍ର ସୁନାମଣି ପ୍ରତିଙ୍ଗା, ଅନିତା ମ୍ୟାଚିଲା ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୁଣା ରାୟଗଡ଼ାରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

ରାୟଗଡ଼ା,୪।୭ (ଆଶିଷ ରଞ୍ଜନ ପଣ୍ଡା)

- ପରିମଳ ବ୍ୟବସ୍ଥା ପାଇଁ ବାର୍ଷିକ ଖର୍ଚ୍ଚ ହେଉଛି ୨କୋଟି ୭୬ ଲକ୍ଷ
- ପୌର ବିଭାଗ ଅଧୀନରେ ଥିବା ୱାର୍ଡ ସବୁଠୁ ବିପର୍ଯ୍ୟସ୍ତ

୩ ଥର ଉନ୍ନତ ସହର ଭାବେ ପୁରସ୍କୃତ ହୋଇଥିବା ରାୟଗଡ଼ା ସହର ପରିମଳ ବ୍ୟବସ୍ଥା ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୌର ପରିଷଦ ପକ୍ଷରୁ ଗତ ୩୦ ବର୍ଷ ମଧ୍ୟରେ ସହରରେ ଡ୍ରେନେଜ୍ ବ୍ୟବସ୍ଥା କରାଯାଇପାରି ନ ଥିବାରୁ ସାମାନ୍ୟ ବର୍ଷା ହେଲେ ଡ୍ରେନ୍ ପାଣି ରାସ୍ତା ଉପରେ କିମ୍ବା ରାସ୍ତାକଡ଼ରେ ଥିବା ଘରଦାଣ୍ଡରେ ଜମି ରହୁଛି। ଦୀର୍ଘଦିନ ପରେ ମଙ୍ଗଳବାର ଅପରାହ୍ନ ୪ଟାରେ ଅଳ୍ପ ସମୟ ପାଇଁ ବହୁ ଜୋରରେ ବର୍ଷା ହୋଇଥିଲା । ବର୍ଷା ଯୋଗୁ ସହରରେ ଥିବା ଡ୍ରେନ୍‌ଗୁଡ଼ିକର ଦୂଷିତ ପାଣି ଓ କୁଢ଼ କୁଢ଼ ଆବର୍ଜନା ବାହାରି ରାସ୍ତା ଉପରେ ଏବଂ ଲୋକଙ୍କ ଘର ଦାଣ୍ଡରେ ଗଦା ହୋଇଥିବା ଦେଖିବାକୁ ମିଳିଛି।

ସୂଚନା ଥାଉକି, ସହରର ପରିମଳ ବ୍ୟବସ୍ଥା ପାଇଁ ମାସିକ ୨୩ ଲକ୍ଷ ଟଙ୍କା ହିସାବରେ ବାର୍ଷିକ ୨କୋଟି ୭୬ ଲକ୍ଷ ଟଙ୍କାର ବ୍ୟୟ ହୋଇଥାଏ । ଉକ୍ତ ଟଙ୍କାରେ ସହରର ସମସ୍ତ ଡ୍ରେନ୍‌କୁ ସପ୍ତାହକୁ ଥରେ ସଫା କରିବା, ସହରର ରାସ୍ତାଗୁଡ଼ିକ ପ୍ରତିଦିନ ଝାଡୁ କରି ସଫା କରିବା, ୧୫ ଦିନରେ ଥରେ ଡ୍ରେନ୍‌ରେ ତେଲ ପକାଇବା ଏବଂ ନିତିଦିନ ସମସ୍ତ ଅଞ୍ଚଳରୁ ଗାଡ଼ି ମାଧ୍ୟମରେ ଅଳିଆ ଆବର୍ଜନା ଉଠାଇବା ନିୟମାବଳୀ ରହିଥିବା ପୌର ପରିଷଦର ସାନିଟାଇଜେଶନ ଇନ୍‌ସ୍ପେକ୍ଟର ପି.ବାଲରାଜୁ ସୂଚନା ଦେଇଛନ୍ତି। ସହରର ପରିମଳ ବ୍ୟବସ୍ଥା ପାଇଁ ସହରକୁ ୪ଟି ଜୋନରେ ବିଭକ୍ତ କରି ଟେଣ୍ଡର ମାଧ୍ୟମରେ ବିଭିନ୍ନ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିବା ବେଳେ ଅନ୍ୟ ୨ଟି ଜୋନ୍ ପୌର ପରିଷଦ ଅଧୀନରେ ରହିଛି। ୱାର୍ଡ଼ ନଂ ୨ରୁ ୱାର୍ଡ଼ ନଂ ୬ ପୌର ପରିଷଦ ଅଧୀନରେ ରହିଛି। ତେବେ ପୌର ପରିଷଦ ଅଧୀନରେ ଥିବା ଅଞ୍ଚଳ ସବୁଠୁ ଅଧିକ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୌର ପରିଷଦ କାର୍ଯ୍ୟାଳୟ ନିକଟବର୍ତ୍ତୀ ଠକ୍କରବାପା ଆଶ୍ରମ ଛକ, ପୁରୁଣା ବସ୍‌ଷ୍ଟାଣ୍ଡ ପଛପାର୍ଶ୍ୱ, ଗାନ୍ଧୀ ପାର୍କ ଛକ ଏବଂ କଂଗ୍ରେସ ଭବନ ନିକଟରେ ଡ୍ରେନ୍‌ଗୁଡ଼ିକରେ ବଡ଼ ବଡ଼ ସିମେଣ୍ଟ ଖଣ୍ଡ, ପଥର ପଡ଼ି ରହିଥିବାରୁ ବର୍ଷା ହେଲେ ପାଣି ଡ୍ରେନ୍‌ରେ ନ ଯାଇ ରାସ୍ତା ଉପରକୁ ଆସୁଛି। ଫଳରେ ଡ୍ରେନ୍‌ରେ ରହିଥିବା କୁଢ଼ କୁଢ଼ ଆବର୍ଜନା ବାହାରି ରାସ୍ତା ଉପରେ ଜମି ରହୁଛି । କଂଗ୍ରେସ ଭବନ ନିକଟରେ ଡ୍ରେନ୍ ମାଟିରେ ପୋତି ହୋଇଯାଇଥିବାରୁ ସ୍ୱଳ୍ପ ବର୍ଷା ହେଲେ ଅପରିଷ୍କାର ପାଣି ବାହାରକୁ ବାହାରି ଉକ୍ତ ରାସ୍ତା ଉପରେ ବୋହିବା ସହ କଂଗ୍ରେସ ଭବନ ପାଚେରି ଭିତରେ ପଶିଯାଉଥିବା ଦେଖିବାକୁ ମିଳିଛି । ପୁରୁଣା ରାୟଗଡ଼ାର ଅବସ୍ଥା ଆହୁରି ଶୋଚନୀୟ। ତେବେ ପୌର ପରିଷଦ ଅଧୀନରେ ଥିବା ୱାର୍ଡ଼ଗୁଡ଼ିକର ପରିମଳ ବ୍ୟବସ୍ଥା ଯଦି ଏଭଳି ତେବେ ଠିକା ସଂସ୍ଥା ଅଧୀନରେ ରହୁଥିବା ଅଞ୍ଚଳର ପରିମଳ ବ୍ୟବସ୍ଥା କିଭଳି ରହୁଥିବ ତାହା ସହଜେ ଅନୁମେୟ ।



ପୌର କାର୍ଯ୍ୟାଳୟ ଓ ଠକ୍କରବାପା ଆଶ୍ରମ ଛକ ଡ୍ରେନର ଦୃଶ୍ୟ।

ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ରାୟଗଡ଼ା ସହରର ପରିମଳ ବ୍ୟବସ୍ଥାରେ ବିଶେଷ ସୁଧାର ଆଣିବାକୁ ସାଧାରଣରେ ଦାବି ହୋଇଛି । ଅପରପକ୍ଷେ ପୌର ନିର୍ବାହୀ ଅଧିକାରୀଙ୍କ ରାମକ୍ରିଷ୍ଣା ନଗରସ୍ଥିତ ସରକାରୀ ବାସଗୃହ କିନ୍ତୁ ସହରର ସବୁଠାରୁ ନିର୍ମଳ ଓ ସ୍ୱଚ୍ଛ ଦେଖାଯାଉଛି । ବର୍ଷା ହେଲେ ମଧ୍ୟ ଡ୍ରେନେଜ ସମସ୍ୟା ସୃଷ୍ଟି ହେଉ ନାହିଁ । ନିୟମିତ କୌଣସି ଅଞ୍ଚଳ ସଫେଇ ହେଉ ନ ଥିବାବେଳେ ପୌର ନିର୍ବାହୀ ଅଧିକାରୀଙ୍କ ସରକାରୀ ବାସଗୃହ ଅଞ୍ଚଳ ପ୍ରତିଦିନ ସଫା କରାଯାଉଥିବା ସହରବାସୀ କହିଛନ୍ତି । ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ୟାସିର ବିଲାଲ ଅହମ୍ମଦଙ୍କୁ ପଚାରିବାରୁ ଉକ୍ତ ଡ୍ରେନ୍‌ରେ ବିଭିନ୍ନ ହୋଟେଲରେ ବ୍ୟବହୃତ କପ୍, ପ୍ଲେଟ୍ ଆଦି ଜମି ରହିଥିଲା । ବର୍ତ୍ତମାନ ସେଗୁଡ଼ିକୁ ସଫା କରି ଦିଆଯାଇଥିବାରୁ ଆଗକୁ ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି କହିଥିଲେ । ତେବେ ସହରର ପରିମଳ ବ୍ୟବସ୍ଥା ପାଇଁ ଖର୍ଚ୍ଚ ହେଉଥିବା କୋଟି କୋଟି ଟଙ୍କାରେ କେଉଁଭଳି ସ୍ୱଚ୍ଛ ପରିମଳ ବ୍ୟବସ୍ଥା କରାଯାଉଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ୧୫ ମିନିଟ୍ ବର୍ଷାରେ ବେହାଲ ସହରାଞ୍ଚଳ



ରାସ୍ତା ଉପରେ ଜମି ରହିଛି ଡ୍ରେନ୍ ପାଣି।

ରାୟଗଡା, (ଭାଗ୍ୟଶ୍ରୀ ମିଶ୍ର)

ଅନେକ ଦିନର ଅସହ୍ୟ ଗୁଳୁଗୁଳି ପରେ ମଙ୍ଗଳବାର ଅପରାହ୍ନରେ୧୫ ମିନିଟ୍ ବର୍ଷା ହୋଇଛି। ଫଳରେ ଗରମ ଦାଉରୁ ଲୋକେ ସାମାନ୍ୟ ଆଶ୍ୱସ୍ତି ପାଇଛନ୍ତି। ହେଲେ ସାମାନ୍ୟ ବର୍ଷାରେ ବେହାଲ ହୋଇପଡ଼ିଛି ରାୟଗଡା ସହର। ରାୟଗଡ଼ା ସହରର ଷ୍ଟେଟ ବ୍ୟାଙ୍କ ସମ୍ମୁଖ, ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ ଏବଂ ଗାନ୍ଧୀ ପ୍ରମୋଦ ଉଦ୍ୟାନ ସମ୍ମୁଖରେ ଆଣ୍ଠୁଏ ଲେଖାଏଁ ଅପରିଷ୍କାର ପାଣି ଜମି ରହିଛି। ଫଳରେ ଯାତାୟାତ କରିବା ପାଇଁ ଲୋକଙ୍କୁ ବହୁ ହଇରାଣ ହେବାକୁ ପଡୁଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ଏହାର ସମାଧାନ କରିବାକୁ ସହରବାସୀ ଦାବି କରିଛନ୍ତି।

## ଷ୍ଟାଇପେଣ୍ଡ ରାଶି ପାଇନାହାନ୍ତି ଥାୟରାମ୍ମା କଲେଜ ଛାତ୍ରୀ

ରାୟଗଡ଼ା,୪।୭(ଆଶିଷ ରଞ୍ଜନ ପଣ୍ଡା)

ଗୁଣପୁର ଉପଖଣ୍ଡ ସଦର ମହକୁମାସ୍ଥିତ ଥାୟରାମ୍ମା ମହିଳା ମହାବିଦ୍ୟାଳୟର ଯୁକ୍ତ ୩ ଶ୍ରେଣୀର ଛାତ୍ରୀଙ୍କୁ ଗତ ୨ ବର୍ଷ ହେଲା ଷ୍ଟାଇପେଣ୍ଡ ଅର୍ଥ ମିଳି ନ ଥିବା ଅଭିଯୋଗ ହୋଇଛି। ଷ୍ଟାଇପେଣ୍ଡ ଟଙ୍କା ନ ମିଳିବାରୁ ସେମାନଙ୍କ ପାଠପଢ଼ା ଲାଗି ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଛାତ୍ରୀମାନେ ସୋମବାର ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଅଭିଯୋଗ ପ୍ରକୋଷ୍ଠରେ ଭେଟି ଅଭିଯୋଗ କରିଛନ୍ତି। ଜିଲାପାଳ ସିଂ ଜିଲା ମଙ୍ଗଳ ଅଧିକାରୀ ଅଶୋକ ଶତପଥୀଙ୍କୁ ଛାତ୍ରୀଙ୍କ ସମସ୍ୟା ବିଷୟରେ ବୁଝି ଏହାର ଯଥାଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ଥାୟରାମ୍ମା କଲେଜରେ ଯୁକ୍ତ୩ ଦ୍ୱିତୀୟ ବର୍ଷର ଛାତ୍ରୀଙ୍କୁ ୨ ବର୍ଷ ହେଲାଣି ସରକାରଙ୍କ ପକ୍ଷରୁ ମିଳୁଥିବା ଷ୍ଟାଇପେଣ୍ଡ ଟଙ୍କା ମିଳିନାହିଁ । ଏପରିକି କେତେଜଣ ଛାତ୍ରୀଙ୍କୁ ପ୍ରଥମ ବର୍ଷର ସମ୍ପୂର୍ଣ୍ଣ ଟଙ୍କା ମିଳିନାହିଁ । ସେମାନଙ୍କୁ ବାର୍ଷିକ ୧୨ ହଜାର ଟଙ୍କା ମିଳିବାକୁ ନିୟମ ଥିବା ବେଳେ କେତେଜଣଙ୍କୁ ୪ ହଜାର, ୭ ହଜାର ଭଳି ଟଙ୍କା ମିଳିଛି। ଏ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷଙ୍କୁ ପଚାରିଲେ ଟଙ୍କା ଆକାଉଣ୍ଟକୁ ଆସିଥିବା ସେ କହୁଛନ୍ତି। ହେଲେ ଷ୍ଟାଇପେଣ୍ଡର ସମ୍ପୂର୍ଣ୍ଣ ରାଶି ସେମାନଙ୍କ ଆକାଉଣ୍ଟକୁ ଆସି ନ ଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି।

# ନାଗାବଳୀ ନଦୀ ପାର୍ଶ୍ୱରେ ସୁରକ୍ଷା ପାଚେରି ନିର୍ମାଣ ଦାବି

ରାୟଗଡ଼ା,୪।୭ (ଆଶିଷ ରଞ୍ଜନ ପଣ୍ଡା)

ସହରର ସୁରକ୍ଷା ପାଇଁ ନାଗାବଳୀ ନଦୀ କଡ଼ରେ ସୁରକ୍ଷା ପାଚେରି ନିର୍ମାଣ କରିବାକୁ ରାଣୀଗୁଡ଼ା ଅଞ୍ଚବାସୀ ଜିଲାପାଳଙ୍କୁ ଭେଟି ଦାବି କରିଛନ୍ତି । ଏ ନେଇ ଏକ ଦାବିପତ୍ର ସୋମବାର ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ପ୍ରଦାନ କରାଯାଇଛି।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ଏହି ଅଞ୍ଚଳ ଏକ ଦର୍ଶନୀୟ ସ୍ଥାନ ଭାବେ ପରିଚିତ ଥିଲା । ହେଲେ ବହୁ ବର୍ଷ ପୂର୍ବେ ନାଗାବଳୀ ନଦୀର ଗତିପଥ ପରିବର୍ତ୍ତନ ହେବା କାରଣରୁ ନଦୀକୂଳ ଖାଇ ବହୁ ଜନବସତି ଅଞ୍ଚଳ ନଦୀଗର୍ଭରେ ଲୀନ ହୋଇଗଲାଣି। ଫଳରେ ରାଣୀଗୁଡ଼ା ଅଞ୍ଚଳ ପାର୍ଶ୍ୱରେ ଯାଇଥିବା ନାଗାବଳୀ ନଦୀର ପ୍ରାୟ ୧୫୦ ଫୁଟ ଗଭୀର ହୋଇଯାଇଛି । ଉକ୍ତ ସମୟରେ ନଦୀକଡ଼ରେ ପଥର ଗାର୍ଡ ୱାଲ ନିର୍ମାଣ କରାଯାଇଥିଲେ ବି ସହରର ସମତଳ ଅଞ୍ଚଳଠାରୁ ନଦୀ ମୁହାଣ ବହୁ ଗଭୀର ହୋଇଯାଇଛି। ଫଳରେ ସେହି ରାସ୍ତା ଦେଇ ଯାତାୟାତ କରୁଥିବା ବହୁ ଲୋକ ଏବଂ ଗୃହପାଳିତ ପଶୁ ଅସାବଧାନତାବଶତଃ ତଳକୁ ପଡ଼ିଯାଉଥିବାରୁ ବହୁ ଧନଜୀବନ ହାନି ଘଟୁଛି । ତେଣୁ ନାଗାବଳୀ ନଦୀ ପାର୍ଶ୍ୱରେ ସୁରକ୍ଷା ପାଚେରି ନିର୍ମାଣ କରିବାକୁ ରାଣୀଗୁଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି । ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ରାଣୀଗୁଡ଼ା ଅଞ୍ଚଳର ବହୁ ବାସିନ୍ଦା ଉପସ୍ଥିତ ଥିଲେ ।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ରାଣୀଗୁଡ଼ା ଅଞ୍ଚଳବାସୀ ।

## 'ନୋ ପ୍ଲାଷ୍ଟିକ୍ ଡେ' ପାଳିତ




ଗୁଣପୁର, ୪।୭(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ରେଗେଡ଼ାସ୍ଥିତ ଗାୟତ୍ରୀ ଫାର୍ମାସି ମହାବିଦ୍ୟାଳୟରେ ମଙ୍ଗଳବାର 'ନୋ ପ୍ଲାଷ୍ଟିକ ଡେ' ପାଳିତ ହୋଇଯାଇଛି। ପ୍ଲାଷ୍ଟିକ ପଲିଥିନର ବହୁଳ ବ୍ୟବହାର ଦ୍ୱାରା ପରିବେଶ କିପରି ଦୂଷିତ ହେଉଛି ଓ ଏହା ସ୍ୱାସ୍ଥ୍ୟ ପାଇଁ କେତେ ହାନିକାରକ ସେ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କୁ ପ୍ଲାଷ୍ଟିକ ପଲିଥିନ ବ୍ୟବହାର ନ କରିବାକୁ ଶପଥପାଠ କରାଯାଇଥିଲା। ପ୍ଲାଷ୍ଟିକ, ପଲିଥିନ ବ୍ୟାଗ୍ ବଦଳରେ କପଡା ବ୍ୟାଗ୍, ଝୋଟ ବ୍ୟାଗ୍ ଇତ୍ୟାଦିର ବ୍ୟବହାର ଦ୍ୱାରା ପରିବେଶ ସୁରକ୍ଷା ସହିତ ମାନବ ସମାଜ ଏବଂ ଜୀବଜନ୍ତୁଙ୍କ ଜୀବନରକ୍ଷା ହୋଇପାରିବ ବୋଲି ସଚେତନ କରାଯାଇଥିଲା ।

# ଗୁଣିଗାରେଡ଼ିକୁ ନେଇ ହତ୍ୟା ସନ୍ଦେହ

ରାୟଗଡ଼ା, ୪।୭( ଆଶିଷ ରଞ୍ଜନ ପଣ୍ଡା)

**ସନ୍ଦେହ ଘେରରେ ଘଟଣା**

ଗୁଣି ଗାରେଡ଼ି ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିବା ସୂଚନା ମିଳିଛି। ହତ୍ୟାକାଣ୍ଡର ୫ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ନିକଟରେ ସୂଚନା ନ ଥିବା ଜଣାପଡ଼ିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ରାୟଗଡ଼ା ବ୍ଲକ ଡାଙ୍ଗଲୋଡି ପଞ୍ଚାୟତର ପାଙ୍ଗାପାଇ ଗ୍ରାମରେ ଗୁଣିଗାରେଡି ସନ୍ଦେହରେ ଜଣେ ୪୦ ବର୍ଷ ବୟସ୍କ ଯୁବକଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ଗ୍ରାମର କିଛି ବ୍ୟକ୍ତି ଯୁବକଙ୍କୁ ଘରୁ ଡାକି ଆଣି ଗାଁ ନିକଟସ୍ଥ ଏକ ଆମ୍ବ ଗଛମୂଳେ ଅତି ନୃଶଂସ ଭାବେ ହତ୍ୟା କରି ମଧ୍ୟରାତ୍ରିରେ ପୋଡି ଦେଇଥିବା ଚର୍ଚ୍ଚା ହେଉଛି। ତେବେ ଗ୍ରାମବାସୀଙ୍କ ଭୟରେ କେହି ମୁହଁ ଖୋଲୁ ନ ଥିବା ଆଲୋଚନା ହେଉଛି। ଯୁବକଙ୍କୁ ହତ୍ୟା ପରେ ତାଙ୍କ ପତ୍ନୀ ଭୟଭୀତ ହୋଇ ଆନ୍ଧ୍ରପ୍ରଦେଶ ଚାଲିଯାଇଥିବା ଜଣାପଡ଼ିଛି। ଏ ନେଇ ଶେଷଖାଲ ଥାନାରେ କୌଣସି ମାମଲା ରୁଜୁ ହେଲେ ପୋଲିସ ଘଟଣାର ଅନୁସନ୍ଧାନ କରିବ ବୋଲି ଏସଡିପିଓ ଦେବଜ୍ୟୋତି ଦାସ କହିଛନ୍ତି ।

## ତାଲୁକ୍ ଆଇନ ସେବା ସଂସ୍ଥା ପକ୍ଷରୁ ବନ ମହୋତ୍ସବ

ଗୁଣପୁର,୪।୭ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛ। ଏହି ଅବସରରେ ଚାଲକମ୍ବା ସରକାରୀ ଉଚ୍ଚବିଦ୍ୟାଳୟଠାରେ ହୋଇଥିବା କାର୍ଯ୍ୟକ୍ରମରେ ଗୁଣପୁର ଏଡିଜେ ଶେଖ ମହମ୍ମଦ କ୍ୱାଇସ, ସବ୍‌ଜଜ୍ ସନ୍ତୋଷ କୁମାର ମହାପାତ୍ର, ଏସ୍‌ଡିଜେଏ ମଶାନ୍ତାଶ୍ରୀ ମହାନ୍ତି, ଜେଏମ୍‌ଏଫ୍‌ସି ଦେବାନ ସତ୍ୟଦର୍ଶୀ ନନ୍ଦ, ଓକିଲ ସଂଘର ସଭାପତି ଉମାଚରଣ ପଟ୍ଟନାୟକ, ଡେପୁଟି ରେଞ୍ଜର ନୀଳମାଧବ ପାଢ଼ୀ, ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ସ୍ୱାଇଁ, ଆଇନଜୀବୀ ରମେଶ ଚନ୍ଦ୍ର ଲିମାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର, ଅଭିଭାବକ, ପରିଚାଳନା କମିଟିର ସଦସ୍ୟ ଏବଂ ବନ ବିଭାଗ କର୍ମଚାରୀମାନେ ଉପସ୍ଥିତ ରହି ସ୍କୁଲ ପରିସରରେ ଚାରାରୋପଣ କରିଥିଲେ।

ସେହିପରି ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ, ପରିଚାଳନା କମିଟିର ସମ୍ପାଦକ ସୋମନାଥ ଗୌଡ, କୋଷାଧ୍ୟକ୍ଷ ପି.ଗୋବିନ୍ଦ ରାଓଙ୍କ ଉପସ୍ଥିତିରେ ଚାରା ରୋପଣ କରାଯାଇଥିଲା। ଏହି ସମୟରେ ବନ ବିଭାଗର ପୂର୍ଣ୍ଣଚନ୍ଦ୍ର ପାତ୍ର, ଶିବାନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ଯୁକ୍ତ ୩ ମହିଳା ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଅଧ୍ୟକ୍ଷ ସରୋଜ କୁମାର ସିୟାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା।




ଏସ୍‌ଡିଜେଏମ୍ ଚାରାରୋପଣ କରୁଛନ୍ତି।

# କାଉଡ଼ିଆଙ୍କ ଶ୍ରାବଣ ବ୍ରତ ଶୁଭାରମ୍ଭ

ଟିକିରି,୪।୭ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ପୋଡ଼ାପାଡି ପଞ୍ଚାୟତ ଶୈବପୀଠ ପରିସରରେ ମଙ୍ଗଳବାର କାଉଡିଆମାନେ ଶ୍ରାବଣ ବ୍ରତର ଶୁଭାରମ୍ଭ କରିଛନ୍ତି। ଅଞ୍ଚଳର ସୁନାମଧନ୍ୟ ପୁରୋହିତ ସଞ୍ଜୟ ସୋଡଙ୍ଗିଙ୍କ ପୌରୋହିତ୍ୟରେ ଟିକିରି ହରିହର ବୋଲବମ ସଂଘ ସମେତ ୭୦ଜଣ କାଉଡ଼ିଆ ଏହି ବ୍ରତ ଧାରଣ କରିଥିଲେ। ଫଳରେ ମଙ୍ଗଳବାର ସକାଳୁ ଶିବମୟ ହୋଇ ଉଠିଥିଲା ମନ୍ଦିର ପରିସର। କାଉଡ଼ିଆମାନେ ମନ୍ଦିରରେ ସାମୂହିକ ଶିବ ଆରାଧନା କରିଥିଲେ। ଟିକିରି ଅଞ୍ଚଳର ବାବୁଲି ଲିମା, କାମା ସାହୁ, ଲୋକନାଥ ସାହୁ, ମୁକୁନ୍ଦ ବିଶୋଇ, ରଜିତ ମିଶ୍ର, ମନୋଜ ମେଦିରି, ବାବୁନା ମେଦିରି ପ୍ରମୁଖ ଉପସ୍ଥିତ ରହି ଏହି ବ୍ରତ ଧାରଣ କରିଥିଲେ ।



କାଉଡ଼ିଆମାନେ ଶ୍ରାବଣ ବ୍ରତର ଶୁଭାରମ୍ଭ କରୁଛନ୍ତି ।

## ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଶିକ୍ଷକ ସଂଘର ସ୍ୱାଗତ

ଗୁଣପୁର, ୪।୭(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ପ୍ରତିଶ୍ରୁତି ସିଂ ସୋମବାର କାର୍ଯ୍ୟରେ ଯୋଗଦାନ କରିବା ପରେ ମଙ୍ଗଳବାର ଶିକ୍ଷକ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି। ଶିକ୍ଷକ ନେତା ଶିବପ୍ରସାଦ ମହାପାତ୍ର, ରବୀନ୍ଦ୍ର ସାହୁ, ଲାକୋଡି ବିଶ୍ୱେଶ୍ୱର ରାଓ, ପ୍ରକାଶ ଜେନାଙ୍କ ସମେତ ଅନ୍ୟ ଶିକ୍ଷକମାନେ ସିଂଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ। ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଗାମୀ ଦିନରେ ଆଲୋଚନା ପାଇଁ ଦିନ ଧାର୍ଯ୍ୟ କରିବେ ବୋଲି ଶିବପ୍ରସାଦ କହିଛନ୍ତି।

## ଟିକିରି ରେଳଷ୍ଟେଶନରେ ରହୁନି ସମଲେଶ୍ୱରୀ ଟ୍ରେନ୍

ଟିକିରି,୪।୭ (ପ୍ରଫୁଲ୍ଲ କୁମାର ବେହେରା)

**ଟିକିରି ପାଇଁ ଟିକେଟ କଟାଯାଉଛି**



ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଟିକିରିସ୍ଥିତ ରେଳ ଷ୍ଟେଶନରେ ସମଲେଶ୍ୱରୀ ଟ୍ରେନ୍ ରହଣି ପାଇଁ ଦୀର୍ଘଦିନ ହେଲା ଦାବି ହୋଇଆସୁଛି। ଏପରିକି ରେଳରୋକୋ ଆନ୍ଦୋଳନ ପାଇଁ ମଧ୍ୟ ଚେତାବନୀ ଦିଆଯାଇଛି। ଏହାସତ୍ତ୍ୱେ ବି ଟିକିରି ରେଳ ଷ୍ଟେଶନରେ ସମଲେଶ୍ୱରୀ ଟ୍ରେନ୍ ରହୁ ନ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ସୋମବାର ଜଣେ ଯାତ୍ରୀ ସମଲେଶ୍ୱରୀ ଟ୍ରେନ୍‌ରେ ଯାତ୍ରା ପାଇଁ ମୁନିଗୁଡ଼ା ରେଳ ଷ୍ଟେଶନରେ ଟିକିରି ପାଇଁ ଟିକେଟ କାଟି ଟ୍ରେନ୍‌ରେ ଯାତ୍ରା କରିଥିଲେ । ହେଲେ ଟ୍ରେନ୍‌ଟି ଟିକିରି ରେଳଷ୍ଟେଶନରେ ନ ଅଟକି ଲକ୍ଷ୍ମୀପୁର ଷ୍ଟେଶନରେ ଅଟକିଥିଲା। ଫଳରେ ଯାତ୍ରୀମାନେ ଲକ୍ଷ୍ମୀପୁର ଷ୍ଟେଶନରୁ ପୁଣି ଥରେ ଟିକିରି ଆସିବା ପାଇଁ କୋରାପୁଟରୁ ରାଉରକେଲା ଯାଉଥିବା ଟ୍ରେନ୍‌ରେ ଟିକେଟ କାଟି ଟିକିରି ଫେରିଥିଲେ। ଫଳରେ ଯାତ୍ରୀମାନେ ଅଯଥା ଖର୍ଚ୍ଚାନ୍ତ ହେବା ସହ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଯଦି ଟିକିରି ଷ୍ଟେଶନରେ ସମଲେଶ୍ୱରୀ ଟ୍ରେନ୍‌ର ରହଣି ନାହିଁ, ତେବେ ଯାତ୍ରୀମାନଙ୍କୁ କିପରି ମୁନିଗୁଡ଼ାରୁ ଟିକିରି ଟିକେଟ ମିଳୁଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଡମ୍ପିଂୟାର୍ଡ ଯୋଗୁ ଡେଙ୍ଗୁ ,ମ୍ୟାଲେରିଆ ଆଶଙ୍କା

ରାୟଗଡ଼ା,୪।୭(ଆଶିଷ ରଞ୍ଜନ ପଣ୍ଡା)

**ରାଣୀଗୁଡ଼ା ଅଞ୍ଚଳରୁ ଡମ୍ପିଂୟାର୍ଡ ଅନ୍ୟତ୍ର ସ୍ଥାନାନ୍ତର ଦାବି**

ରାୟଗଡ଼ା ସହରର ସମସ୍ତ ଅଳିଆ ଆବର୍ଜନା ରାଣୀଗୁଡ଼ା ଅଞ୍ଚଳ ନିକଟରେ ଡମ୍ପିଂ କରାଯାଉଛି । ଏହାବ୍ୟତୀତ ଡ୍ରେନ୍ ପାଣି ସହର ବାହାରକୁ ନିଷ୍କାସିତ ନ ହୋଇ ସହରସ୍ଥିତ ରାଣୀଗୁଡ଼ା ଅଞ୍ଚଳରେ ଜମି ରହୁଛି। ରାସ୍ତା ଉପରେ ଡ୍ରେନ୍ ପାଣି ଭାସୁଥିବାରୁ ଅଞ୍ଚଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଫଳରେ ରାଣୀଗୁଡ଼ା ଅଞ୍ଚଳରେ ମଶାବଂଶ ବୃଦ୍ଧି ପାଇବା ସହ ଉକ୍ତ ଅଞ୍ଚଳରେ ବାସ କରୁଥିବା ୪ ଶହରୁ ଉର୍ଦ୍ଧ୍ୱ ପରିବାର ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ରାଣୀଗୁଡ଼ା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ବର୍ଷାରତୁ ଆରମ୍ଭ ହୋଇଥିବା ବେଳେ ଅଞ୍ଚଳରେ ମ୍ୟାଲେରିଆ, ଡେଙ୍ଗୁ ଓ ହଇଜା ଆଦି ବିଭିନ୍ନ ରୋଗ ବ୍ୟାପିବା ଆଶଙ୍କା ରହୁଛି। ଏ ନେଇ ସୋମବାର ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ଅଞ୍ଚଳ ବାସିନ୍ଦା । ଜିଲାପାଳ ଏ ସମ୍ପର୍କରେ ପୌର ବିଭାଗ ଅଧିକାରୀଙ୍କ ସହ ଆଲୋଚନାକରି ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।



ରାଣୀଗୁଡ଼ା ଅଞ୍ଚଳରେ ଥିବା ଡମ୍ପିଂୟାର୍ଡ।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ରାୟଗଡ଼ା ସହରର ସମସ୍ତ ଡ୍ରେନ୍‌ରେ ପ୍ରବାହିତ ଦୂଷିତ ପାଣି ସହର ବାହାକୁ ବୋହିଯିବା ଲାଗି ପୌର ପରିଷଦ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ସେହିଭଳି ପୌର ପରିଷଦ ପକ୍ଷରୁ ଗାଡ଼ି ମାଧ୍ୟମରେ ପ୍ରତ୍ୟେକ ୱାର୍ଡରୁ ଅଳିଆ ଆବର୍ଜନା ସଂଗ୍ରହ କରାଯାଇ ରାଣୀଗୁଡ଼ା ଅଞ୍ଚଳରେ ଡମ୍ପିଂ କରାଯାଉଛି । ଉକ୍ତ ଆବର୍ଜନାରେ ବିଭିନ୍ନ ପ୍ରକାର ପ୍ଲାଷ୍ଟିକ, କେମିକାଲ ବୋତଲ, ପଲିଥିନ୍ ଓ କୀଟନାଶକ ବୋତଲ ଆଦି ରହୁଥିବାରୁ ଏହା ସହଜରେ ନଷ୍ଟ ନ ହୋଇ ପଡ଼ି ରହୁଛି। ଫଳରେ ରାଣୀଗୁଡ଼ା ଅଞ୍ଚଳ ଦୁର୍ଗନ୍ଧମୟ ହେବା ସହ ପରିବେଶ ମଧ୍ୟ ପ୍ରଦୂଷିତ ହେଉଛି। ଉକ୍ତ ଅଞ୍ଚଳରେ ମଶାବଂଶ ବୃଦ୍ଧି ପାଉଥିବାବେଳେ ଜନସାଧାରଣ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ଉକ୍ତ ଡମ୍ପିଂୟାର୍ଡ ଅଞ୍ଚଳରେ ମଝିଘରିଆଣୀ ମନ୍ଦିର ଥିବାରୁ ଦୂଷିତ ପରିବେଶ ଯୋଗୁ ମନ୍ଦିରର ସୌନ୍ଦର୍ଯ୍ୟ ମଧ୍ୟ ହ୍ରାସ ପାଉଛି। ବାହାରୁ ଆସୁଥିବା ପର୍ଯ୍ୟଟକ ମନ୍ଦିର ନିକଟରେ ଏହିଭଳି ଆବର୍ଜନାମୟ ପରିବେଶ ଦେଖି ବିରକ୍ତଭାବ ପ୍ରକାଶ କରୁଥିବା ଅଭିଯୋଗ ହେଉଛି। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ରାଣୀଗୁଡ଼ା ଅଞ୍ଚଳରୁ ଡମ୍ପିଂୟାର୍ଡ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

**ଅଟୋ ଚୋରି କରି ଜଣେ ଗିରଫ**

ଜୟପୁର,(ପବନ ପାଣିଗ୍ରାହୀ)- ଅଟୋ ଚୋରି ମାମଲାରେ ଜଣେ ଯୁବକଙ୍କୁ ସଦର ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଡୁମୁରିଗୁଡାର ବାବୁଲା ନାଗ (୨୨)। ଡୁମୁରିଗୁଡା କୃତ୍ତିବାସ ହରିଜନଙ୍କ ଅଟୋ ରାତିରେ ଘର ସମ୍ମୁଖରେ ଥିବା ବେଳେ ଚୋରି ହୋଇଯାଇଥିଲା। ଏନେଇ ସଦର ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରି ପୋଲିସ ସୁନାବେଡାରୁ ଅଟୋକୁ ଜବତ କରି ବାବୁଲାଙ୍କୁ ଗିରଫ କରିଥିଲା।



## ସଂକ୍ଷେପରେ

### ବଜ୍ରପାତରେ ୨ ଗୁରୁତର

କୋରାପୁଟ,୪।୭(ଅମିତାଭ ବେହେରା)- ସୁନାବେଡା ନିକଟସ୍ଥ ଚଉଗାଁ ଗ୍ରାମ ନିକଟସ୍ଥ ଚାଷ ଜମିରେ କାମ କରୁଥିବାବେଳେ ବଜ୍ରପାତ ଘଟି ୨ ଜଣ ମହିଳା ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗ୍ରାମର ଧନମତି ଜାନି ଓ କମଳା ଜାନି। ଉଭୟଙ୍କୁ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରି ଏକ ଅଟୋ ଯୋଗେ ନେଇ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରିଛନ୍ତି। ସେମାନଙ୍କଅବସ୍ଥା ସ୍ଥିର ରହିଛଇ। ଅପରାହ୍ନରେ ଧନମତି ଓ କମଳା ଦୁହେଁ ନିଜ ଜମିରେ ଖତ ପକାଉଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ଉଭୟେ ଚେତାଶୂନ୍ୟ ହୋଇ ଜମିରେ ପଡିଥିଲେ। ଆମେ ଗ୍ରାମବାସୀ ଖବର ପାଇ ସେଠାରେ ପହଞ୍ଚି ଦୁହିଁଙ୍କୁ ମେଡିକାଲ ପଠାଇଥିଲୁ ବୋଲି ଗ୍ରାମର ଶ୍ୟାମ ମୁଦୁଲି କହିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ସୁସ୍ଥ ରହିଥିବାବେଳେ ଅନ୍ୟ ଜଣେ ଗୁରୁତର ରହିଥିବା ମେଡିକାଲ ପକ୍ଷରୁ କୁହାଯାଇଛି।

### ବିଏଲ୍ଓ, ସୁପରଭାଇଜର ନେଲେ ତାଲିମ

ଜୟପୁର,୪।୭ (ପବନ ପାଣିଗ୍ରାହୀ)- ଜୟପୁର ବ୍ଲକ ସଭାଗୃହରେ ବିଏଲଓ ଏବଂ ସୁପରଭାଇଜରଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେମାନେ ଆସନ୍ତା ୨୧ରୁ ଅଗଷ୍ଟ ୨୧ ଯାଏ ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ସାମିଲ ହେବେ। ଏନେଇ ବିଏଲ୍ଓମାନେ ଘର ଘର ବୁଲି ସର୍ଭେ କରିବେ । ସର୍ଭେ ବେଳେ ସେମାନେ ଭୋଟରଙ୍କ ନାମ ପଞ୍ଜୀକରଣ, ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ, ତାଲିକାରୁ ନାମ ବାଦ୍ ଦେଇପାରିବେ। ଭୋଟର କେନ୍ଦ୍ରର ନାମ ପରିବର୍ତ୍ତନ, ଭିନ୍ନକ୍ଷମ ଭୋଟରଙ୍କ ତାଲିକା, ୮୦ ବର୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ ଭୋଟ ତାଲିକାରେ ଅଛି କି ନାହିଁ ଯାଞ୍ଚ କରିବେ। ଏଥିସହ ଭୋଟଦାନ କେନ୍ଦ୍ରଗୁଡିକରେ ବିଭିନ୍ନ ସୁବିଧା ସୁଯୋଗ, ପାନୀୟ ଜଳ, ଶୌଚ ବ୍ୟବସ୍ଥା, ୧୮ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ନାମ ଭୋଟର ଲିଷ୍ଟରେ ସାମିଲ କରିବା, ଭୋଟର ପରିଚୟ ପତ୍ର ସହ ଆଧାର ଲିଙ୍କ୍ ସଂଯୋଗୀକରଣ ଏବଂ ଭୋଟର ତାଲିକାରୁ ମୃତ ବ୍ୟକ୍ତିଙ୍କ ନାମ ବାଦ୍ ଦେବା ଆଦି କାର୍ଯ୍ୟ କରିପାରିବେ। ଏହି ତାଲିମ କାର୍ଯ୍ୟକ୍ରମରେ ଉପଜିଲାପାଳ ବେଦବର ପ୍ରଧାନ, ଏବିଓ ମନୋଜ ନାୟକ, ଜିପିଓ ପ୍ରଶାନ୍ତ ମିଶ୍ର ଉପସ୍ଥିତ ରହି ତାଲିମ ଦେଇଥିଲେ। ଜୟପୁର ବ୍ଲକର ୪୪ ଜଣ ବିଏଲ୍ଓ ଓ ୫ ଜଣ ସୁପରଭାଇଜର ତାଲିମ ନେଇଥିବା ଜଣାପଡ଼ିଛି।

### ଲୁଟ୍ ମାମଲାରେ ୩ ଯୁବକ ଗିରଫ

ଜୟପୁର, ୪।୭ (ପବନ ପାଣିଗ୍ରାହୀ)- ଏକ ଲୁଟ୍ ମାମଲାରେ ୩ ଜଣ ଅଭିଯୁକ୍ତଙ୍କୁ ଜୟପୁର ସଦର ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଅନ୍ତା ଗ୍ରାମର ବୁଲୁ ପଣ୍ଡା (୩୫) ଖ୍ରୀଷ୍ଟିଆନସାହିର ପିଙ୍କୁ ପାତ୍ର (୪୦) ଓ ପାଇଲସାହିର ପ୍ରଦିପ କୁମାର ରାଜପାଇଲ (୪୦) । ଜୟପୁର ସଦର ଥାନା ଅନ୍ତର୍ଗତ କଞ୍ଜେଇମାଳିଗୁଡାର ସତ୍ୟ ମାଳି ପାତ୍ରପୁଟରୁ ଗ୍ରାମକୁ ବାଇକ୍ରେ ଯାଉଥିବା ବେଳେ ପାତ୍ରପୁଟ ଗ୍ରାମ ନିକଟରେ ବାଇକ୍କୁ ଅଟକାଇ ଏହି ୩ଜଣ ବଜାଜ ଫାଇନାନ୍ସ କମ୍ପାନୀର ଏଜେଣ୍ଟ ବୋଲି ପରିଚୟ ଦେଇ ତୁମେ ୨ ମାସର ଏମଆଇ ବାନ୍ଧିନାହିଁ ଏହା ଶୀଘ୍ର ବାନ୍ଧିବାକୁ କହି ଧମକଚମକ ଦେଇ ତାଙ୍କ ବାଇକ ଛଡାଇ ନେଇଥିଲେ । ଏନେଇ ସତ୍ୟ ସଦର ଥାନାରେ ଅଭିଯୋଗ କରିଥିଲେ। ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

# ୩୭୭ ହେକ୍ଟର ଜମିରେ କଫି ଚାଷ ଲକ୍ଷ୍ୟ

କୋରାପୁଟ,୪।୭(ଅମିତାଭ ବେହେରା)



ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

- ଜିଲା କଫି ଟ୍ରଷ୍ଟ ବୋର୍ଡ ବୈଠକ
- ସେପ୍ଟେମ୍ବର ୧୫ ସୁଦ୍ଧା ଛାୟାବୃକ୍ଷ, କଫି ଚାରା ରୋପଣ ନିଷ୍ପତ୍ତି
- ଚାଷୀଙ୍କୁ ପ୍ରତି ହେକ୍ଟରର ପିଛା ମିଳିବ ସହାୟତା

କୋରାପୁଟସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ଜିଲା କଫି ଟ୍ରଷ୍ଟ ବୋର୍ଡର ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲା କଫି ଟ୍ରଷ୍ଟ ବୋର୍ଡ ଅଧକ୍ଷ ଜିଲାପାଳଙ୍କ ଅନୁପସ୍ଥିତିରେ ହୋଥିବା ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜୀ ଇସଲୱାର ଅଧକ୍ଷତା କରିଥିଲେ। ଜିଲାରେ କଫି ଚାଷର ବିକାଶ ନେଇ ଭିତ୍ତିଭୂମିର ବିକାଶ, ନର୍ସରୀର ରକ୍ଷଣାବେକ୍ଷଣ, ଛାୟା ବୃକ୍ଷ ଓ କଫି ଚାରା ରୋପଣ ଆଦି କାର୍ଯ୍ୟ ଅଧିକ ତରାନ୍ୱିତ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ । ଚଳିତ ୨୦୨୩-୨୪ ଆର୍ଥିକ ବର୍ଷରେ ଜିଲାର ୩୭୭ ହେକ୍ଟର ଜମିରେ କଫି ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଲକ୍ଷ୍ୟ ହାସଲ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ତୁରନ୍ତ କରିବାକୁ ମୁଖ୍ୟ ଉନ୍ନୟନ ଅଧିକାରୀ ଇସଲୱାର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାର ଲମତାପୁଟ, କୋରାପୁଟ, ପଟ୍ଟାଙ୍ଗି, ନନ୍ଦପୁର, ସେମିଳିଗୁଡା, ଲକ୍ଷ୍ମୀପୁର ଆଦି ୬ ବ୍ଲକରେ ଏହି କଫି ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ଉପରୋକ୍ତ ଅଞ୍ଚଳରେ ୧୭ଟି ନର୍ସରୀ କରାଯାଇ ୧୦ ଲକ୍ଷ ୨୬ ହଜାର ଛାୟାବୃକ୍ଷ ପ୍ରସ୍ତୁତ କରାଯାଉଥିବା ବୈଠକରେ ଜିଲା ଜଳ ବିଭାଜିକା ଉପ ନିର୍ଦ୍ଦେଶକ ଅରୁଣ ଦାସ ସୂଚନା ଦେଇଥିଲେ । ଜିଲା ଜଳବିଭାଜିକା ମିଶନ ପକ୍ଷରୁ ୫୦୦ ହେକ୍ଟର ଜମିରେ ଛାୟା ବୃକ୍ଷ ରୋପଣ କରାଯିବା ଲକ୍ଷ୍ୟ ରଖାଯାଇଛି। ପିଏଆଇଟିଡିଏ ପକ୍ଷରୁ ୪୫୦ ହେକ୍ଟର ଜମିରେ, ବନ ବିଭାଗ ପକ୍ଷରୁ ୧୦୦ ହେକ୍ଟର ଓ ଉପରୋକ୍ତ ୬ ବ୍ଲକର ବିଡିଓଙ୍କ ମାଧ୍ୟରେ ୬୦୦ ହେକ୍ଟର ଜମିରେ କଫି ଚାରା ଓ ଛାୟାବୃକ୍ଷ ରୋପଣ କରାଯିବା ଲାଗି ଲକ୍ଷ୍ୟ ରଖାଯାଇଥିବା ଜଣାଯାଇଛି। ଏହି କାର୍ଯ୍ୟ ସେପ୍ଟେମ୍ବର ୧୫ ସୁଦ୍ଧା ସାରିବାକୁ ଇସଲୱାର ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଜିଲାରେ କଫି ଚାଷ କରିବାକୁ ଇଚ୍ଛୁକ ଏସସି, ଏସଟି, ସାଧାରଣବର୍ଗ ଚାଷୀମାନଙ୍କୁ ପ୍ରତି ହେକ୍ଟର ହିସାବରେ ସମସ୍ତ ସହାୟତା ଜିଲା ପ୍ରଶାସନ ପକ୍ଷରୁ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ଜିଲା ଜଳବିଭାଜିକା ମିଶନ ନିର୍ଦ୍ଦେଶକ ଦାସ, ଜିଲା କଫି ବୋର୍ଡ ଉପନିର୍ଦ୍ଦେଶକ ରାଘବ ମଲ୍ଲିକ, ଟିଡିସିସି ମ୍ୟାନେଜର ଆଶୁତୋଷ ନନ୍ଦ, କୋରାପୁଟ ବନଖଣ୍ଡ ଏସିଏଫ ଉମା ମହେଶ, ଓଏଲଏମର ଜିଲା ସଂଯୋଜିକା ସସ୍ମିତା ସାମନ୍ତରାୟଙ୍କ ସମେତ ଜିଲା କଫି ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ ବୈଠକରେ ଉପସ୍ଥିତ ଥିଲେ।

# ଯୋଗଦେବାକୁ ୮୦ ଗଲେ ଭୁବନେଶ୍ୱର

କୋରାପୁଟ,୪।୭(ଅମିତାଭ ବେହେରା)

**ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ**

ଭୁବନେଶ୍ୱରର ଏସ୍ସିଏସଟି, ଆର୍‌ଟିଆଇଠାରେ ବୁଧବାର ଓ ଗୁରୁବାର ହେବାକୁ ଥିବା ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେବାକୁ କୋରାପୁଟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ୮୦ ଜଣ ଏସ୍‌ଡିସି ଚାମ୍ପିୟନ ମଙ୍ଗଳବାର ଭୁବେନେଶ୍ୱର ଯାତ୍ରା କରିଛନ୍ତି। କୋରାପୁଟ ଜିଲାର ୧୪ଟି ବ୍ଲକ ଅଞ୍ଚଳରୁ ସେମାନେ ଯାଇଥିବା ଜଣାପଡିଛି। କୋରାପୁଟଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ତଥା ଜିଲା ଯୋଜନା ବୋର୍ଡଅଧକ୍ଷ ରଘୁରାମ ପଡାଲ ମୁଖ୍ୟଅତିଥି ଓ କୋରାପୁଟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଚନ୍ଦ୍ରଶେଖର ମାଝି ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହି ଚାମ୍ପିୟନମାନଙ୍କୁ ଉତ୍ସାହିତ କରି ୩ଟି ବସ୍‌ରେ ଭୁବେନେଶ୍ୱର ପଠାଇଥିଲେ । ଏହି ଚମ୍ପିୟାନମାନେ ସେଠାରେ ଆଦିବାସୀଙ୍କ ବିକାଶ ନେଇ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ତାଲିମ ନେବେ। ପରେ ସେଠାରୁ ଫେରି ଆଦିବାସୀଙ୍କ ଉନ୍ନୟନ ନେଇ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ସେମାନଙ୍କୁ ସଚେତନ କରିବେ ବୋଲି ଉଭୟେ ବିଧାୟକ ପଡାଲ ଓ ଅଧକ୍ଷ ମାଝି କହିଛନ୍ତି। ସୂଚନାଯୋଗ୍ୟ, ଯାତ୍ରା କରିଥିବା ଏହି ଯୁବତୀଯୁବକ ଓ ମହିଳା ମାନଙ୍କୁ ପ୍ରଶାସନ ପକ୍ଷରୁ ଏସ୍‌ଡିସି ଚାମ୍ପିୟନ ଅଖ୍ୟା ଦିଆଯାଇଛି।

# ଚାଷଜମିରେ ମିଶୁଛି ପାହାଡ଼ିଆ ଜମି



ଏକ ପତିତ ଜମିକୁ ଚାଷ ଜମିରେ ପରିଣତ କରାଯାଇଛି ।

ବୈପାରିଗୁଡ଼ା,୪।୭(କଳ୍ପତରୁ ମହାନ୍ତି)

**ବନ ବିଭାଗ ସାଜିଛି ନୀରବଦ୍ରଷ୍ଟା**

ଜଙ୍ଗଲ ଦ୍ରୁତଗତିରେ କ୍ଷୟ ହେଉଥିବା ବେଳେ ବୈପାରିଗୁଡ଼ା ବନାଞ୍ଚଳର ଅନେକ ସ୍ଥାନରେ ପାହାଡିଆ ଜମି ସଙ୍କୁଚିତ ହେବାରେ ଲାଗିଛି। ଏହା ଏବେ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗର ବିଷୟ ହୋଇଛି। ପାହାଡ ପାଦଦେଶରେ ଥିବା ପତିତଜମିକୁ ବନ ବିଭାଗ ସଂରକ୍ଷଣ କରିବାରେ ବିଫଳ ହୋଇଥିବାରୁ ଅନେକ ସ୍ଥାନରେ ଲୋକେ ଜବରଦଖଲକରି ଖୋଳି ଏହାକୁ ଚାଷଜମିରେ ମିଶାଉଥିବା ଦେଖିବାକୁ ମିଳୁଛି। ବୈପାରିଗୁଡା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ମାତ୍ର ଅଧ କିଲୋମିଟର ଦୂର କେନ୍ଦୁପଡା ସହ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱପର୍ତ୍ତୀ ପାହାଡିଆ ଅଞ୍ଚଳରେ ଥିବା ଅନାବାଦୀ ପତିତ ଜମିକୁ ଖୋଳି ଲୋକେ ଚାଷ କରୁଛନ୍ତି। କ୍ରମଶଃ ଏହାକୁ ସେମାନେ ନିଜ ଜମିରେ ମିଶାଇ ଦେଉଛନ୍ତି। ଏ ଦିଗରେ ବନ ବିଭାଗ ନୀରବ ରହୁଥିବାରୁ ଏହା ସେମାନଙ୍କୁ ବେଶ୍ ସୁହାଇଛି। ଏ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ସନ୍ଦିପ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ ଏନେଇ ଫରେଷ୍ଟରଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବେ ବୋଲି କହିଛନ୍ତି।

# ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ମଧ୍ୟରୁ ଆଉ ଜଣେ ମୃତ

ପଟ୍ଟାଙ୍ଗି,୪।୭(ଶରତ ଧଳ)

**ମୃତ୍ୟୁ ସଂଖ୍ୟା ୩ ଛୁଇଁଲା**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ମେଟାପାଡୁ ଗ୍ରାମରେ ଦେଖାଦେଇଥିବା ଝାଡ଼ାବାନ୍ତିରେ ମଙ୍ଗଳବାର ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ଗୋଲରି ପେଣ୍ଡାୟା।

ଖବରରୁ ଜଣାପଡିଛି, ବ୍ଲକର ତଳଗୋଲୁର ପଞ୍ଚାୟତର ଏହି ମେଟାପାଡୁ ଗ୍ରାମରେ ଗତ ୨୫ରୁ ଅଳ୍ପ କିଛି ଲୋକେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଗ୍ରାମର ଦିଶାରି ପାଖରେ ଦେଶୀ ଔଷଧ ଖାଇ ଚିକିତ୍ସିତ ହେଉଥିଲେ। ମାତ୍ର ୨୮ ଓ ୨୯ ତାରିଖ ମଧ୍ୟରେ ୬ ଜଣ ଗୁରୁତର ହୋଇପଡିଥିଲେ। ୩୦ରେ ଗୋଲରି ବୁଦ୍ରାୟାଙ୍କ ମୃତ୍ୟୁ ହୋଇଥିଲା। ପରେ ସରପଞ୍ଚଙ୍କ ସ୍ୱାମୀ ବଲଦା ବଇପତି ଏ ସମ୍ପର୍କରେ ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣାଇଥିଲେ। ପରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ସୁଙ୍କି ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କୁ ନେଇ ମେଟାପାଡୁ ଗ୍ରାମରେ ପହଞ୍ଚିଥିଲେ। ଘଟଣା ଅନୁଧ୍ୟାନକରିଗ୍ରାମରଝାଡାବାନ୍ତିରେ ଆକ୍ରାନ୍ତ ୫ଜଣ ଜାନି ରାମାୟା, ଗୋଲରି ପେଣ୍ଡାୟା, ଜାନି ସାନାମା, ଗୋଲରି ଏଲାମ୍ମା ଏବଂ ଜାନି ମାଲାମାଙ୍କୁ ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଚିକିତ୍ସାଧୀନ ୫ଜଣଙ୍କ ମଧ୍ୟରୁ ଗୋଲରି ପେଣ୍ଡାୟା ଓ ଜାନି ମାଲାମା ଗୁରୁତର ହୋଇ ପଡିଥିଲେ। ଉଭୟଙ୍କୁ କୋରାପୁଟ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲେ ମଧ ସେମାନେ ଯାଇ ନ ଥିଲେ। ଦୁହେଁ ପଟ୍ଟାଙ୍ଗି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଥିଲେ। ଜାନି ମାଲାମାଙ୍କ ଗତ ୨ ତାରିଖରେ ମୃତ୍ୟୁ ହୋଇଥବା ବେଳେ ମଙ୍ଗଳବାର ଗୋଲରି ପେଣ୍ଡାୟାଙ୍କ ମୃତ୍ୟୁ ହୋଇଛି। ଚିକିତ୍ସାଧୀନ ଥିବା ଜାନି ରାମାୟା, ଜାନି ସାନାମା ଏବଂ ଗୋଲରିଏଲାମ୍ମା ସୁସ୍ଥ ହୋଇ ମଙ୍ଗଳବାର ଗ୍ରାମକୁ ଫେରିଛନ୍ତି। ସୂଚନାଯୋଗ୍ୟ ଉକ୍ତ ଗ୍ରାମରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱାସ୍ଥ୍ୟବିଭାଗର ଏକ ଟିମ୍ ଏବଂ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ଏକ ଟିମ୍ ମେଟାପାଡୁ ଗ୍ରାରେ ପହଞ୍ଚି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି। ଗ୍ରାମରେ ଡାକ୍ତରୀ ଟିମ୍ ପହଞ୍ଚିବା ପରଠାରୁ ଆଉ କେହି ଗ୍ରାମବାସୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇନାହାନ୍ତି। ଏହି ଟିମ୍ ଆସନ୍ତା ୭ ତାରିଖ ଯାଏ ଗ୍ରାରେ ରହି ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ସହ ସଚେନତ କରିବେ।

# ବୋରିଗୁମ୍ମା ବ୍ଲକ ହେବ ବ୍ରିଡର ଧାନ ବିହନ ଉତ୍ପାଦନ କ୍ଲଷ୍ଟର

ଜୟପୁର,୪।୭ (ପବନ ପାଣିଗ୍ରାହୀ)

କେନ୍ଦ୍ର ସରକାରଙ୍କ ଜୈବ ପ୍ରଯୁକ୍ତି ବିଭାଗ ଅଧୀନରେ ଥିବା ଭୁବନେଶ୍ୱରସ୍ଥିତ ଜୀବବିଜ୍ଞାନ ସଂସ୍ଥାନ ପକ୍ଷରୁ ମଙ୍ଗଳବାର ବୋରିଗୁମ୍ମା ବ୍ଲକରେ ଚାଷୀମାନଙ୍କୁ ବ୍ରିଡର କିସମ ଧାନ ବିହନ ବଣ୍ଟନ କରାଯାଇଛି। କଟକ ସ୍ଥିତ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନରୁ ବିକଶିତ ସିଆର୍ ଧାନ ୨୦୩ (ସଚଳା) କିସମ ରୂପେ ଏହା ପରିଚିତ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୋରିଗୁମ୍ମା ବ୍ଲକ ସମ୍ପ୍ରସାରଣ ଅଧିକାରୀ ଗୁରୁବନ୍ଧୁ ପୂଜାରୀ ଯୋଗଦେଇ ଏହି ଉନ୍ନତ ବ୍ରିଡର କିସମ ଧାନ ବିହନ ଓ ବୈଜ୍ଞାନିକ ପଦ୍ଧତିରେ ଚାଷକଲେ ଚାଷୀ ଅଧିକ ଲାଭ ପାଇପାରିବେ ବୋଲି କହିଥିଲେ। ପରୀକ୍ଷାମୂଳକ ଭାବେ ଏବେ ବୋରିଗୁମ୍ମା ବ୍ଲକର ୧୫ ଜଣ ଚାଷୀଙ୍କୁ ୧୩ କୁଇଣ୍ଟାଲ ଏହି ଧାନ ବିହନ ଯୋଗାଇ ଦିଆଯାଇଛି । ଆସନ୍ତା ରବିଋତୁରେ ଧାନ ଅମଳ ପରେ ଅଧିକ ଚାଷୀଙ୍କୁ ବହନ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି। ଚାଷୀମାନେ ଏଥିପ୍ରତି ଆଗ୍ରହ ପ୍ରକାଶକଲେ ଦିନେ ବୋରିଗୁମ୍ମା ବ୍ଲକ ବ୍ରଡର କିସମ ଧାନ ବିହନ ଉତ୍ପାଦନର କ୍ଲଷ୍ଟର ହେବ ବୋଲି ପୂଜାରୀ ଆଶା ପ୍ରକାଶ କରିଥିଲେ। ଏହି ଧାନ ବିହନ କୋରାପୁଟ ଜିଲାର ଚାଷୀମାନେ ସହଜରେ ପାଇପାରିପାରିବେ। ଏହା ଚାଷ କଲେ ହକ୍ଟର ପିଛା ଚାଷୀ ୪କୁଇଣ୍ଟାଲ ୫୦ କେଜି ଧାନ ଅମଳ ପାଇପାରିବେ। ୧୧୦ ଦିନରେ ଅମଳ ହେଉଥିବା ଏହି କିସମର ବିହନରୁ ଉତ୍ପାଦିତ ହେଉଥିବା ଧାନରେ ରୋଗ ପୋକ କମ୍ ଲାଗିଥାଏ ବୋଲି ପୂଜାରୀ ସୂଚନା ଦେଇଥିଲେ। ଓଡ଼ିଶା ଜୀବିକା ମିଶନ ସଂଯୋଜକ ଦେବେନ୍ଦ୍ର ପଣ୍ଡା ଓ ବିଜ୍ଞାନ ସଞ୍ଚାରକ ଲକ୍ଷ୍ମୀନାରାୟଣ ବକ୍ସି କାର୍ଯ୍ୟକ୍ରମ ପରିଚଳନା କରିଥିଲେ ।

# ସାଇକେଲ ଯାତ୍ରାକରି ଜ୍ୟୋତିର୍ଲିଙ୍ଗ ଦର୍ଶନକରିବେ ଘାସିରାମ



ସାଇକେଲରେ ଯାତ୍ରା ପାଇଁ ବାହାରିଥିବା ଘାସିରାମ।

ଜୟପୁର,୪।୭ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସହରର ଘାସିରାମ ପଣ୍ଡା ସାଇକେଲରେ ଭାରତର ପ୍ରସିଦ୍ଧ ଜ୍ୟୋତିର୍ଲିଙ୍ଗ ଦର୍ଶନରେ ବାହାରିଛନ୍ତି। ଏଥିପାଇଁ ସେ ମଙ୍ଗଳବାର ସକାଳେ ଜଗତଜନନୀ ମନ୍ଦିରଠାରେ ପୂଜାର୍ଚ୍ଚନା କରିଥିବା ଜଣାପଡ଼ିଛି। ଜୟପୁର ସହରରୁ ଆରମ୍ଭ ହୋଇଥିବା ତାଙ୍କର ଏହି ଯାତ୍ରା କାଶୀ ବିଶ୍ୱନାଥଙ୍କ ଦର୍ଶନରେ ଶେଷହେବ। ସେ ପ୍ରଥମେ ଆନ୍ଧ୍ର ପ୍ରଦେଶର ଶ୍ରୀ ଶୈଳମ୍ ଶିବଲିଙ୍ଗ ଦର୍ଶନିକରି କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକର ଗୁପ୍ତେଶ୍ୱର ଶିବଲିଙ୍ଗ ଦର୍ଶନ କରିବେ। ପରେ ଗୁପ୍ତେଶ୍ୱରଙ୍କ ପୀଠରୁ ବାହାରି ଘାସିରାମ କାଶୀ ବିଶ୍ୱନାଥଙ୍କ ଦର୍ଶନରେ ଯିବେ। ସେଠାରୁ ସେ ଜୟପୁର ଫେରିବେ। ଏହି ଯାତ୍ରା ବେଳେ ସେ ମୋଟ ୫୮୦୦ କି.ମି. ସାଇକେଲ ଯାତ୍ରା କରିବେ। ଯାତ୍ରା ପାଇଁ ତାଙ୍କୁ ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ ଜୟପୁର ପୌରାଧକ୍ଷ ନରେନ୍ଦ୍ର ମହାନ୍ତି ସହଯୋଗ କରିଥିବା ଜଣାପଡିଛି।

# ସୀମାନ୍ତ ପଞ୍ଚାୟତ ଗସ୍ତକଲେ ଏମ୍‌ପି

ପଟ୍ଟାଙ୍ଗି,୪।୭(ଶରତ ଧଳ)

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି କୋରାପୁଟ ଜିଲାର ବିଭିନ୍ନ ବ୍ଲକର ଗ୍ରାମାଞ୍ଚଳରେ ରାଜନୈତିକ ଦଳଗୁଡିକ ପକ୍ଷରୁ ସଭାସମିତି ଓ ଦଳୀୟ ନେତାଙ୍କ ଭିଡ ଜମୁଛି। ଜିଲାର ପଟ୍ଟାଙ୍ଗି ବ୍ଲକ ତଳଗୋଲୁର, ଅମ୍ପାବାଲି, ପେଟୁରୁ ଓ ସୁଙ୍କି ପଞ୍ଚାୟତରେ ରାଜ୍ୟ ଯୁବ କଂଗ୍ରେସ ସହ ସମ୍ପାଦକ ଶଙ୍କର ପଟ୍ଟନାୟକଙ୍କ ନେତୃତ୍ୱରେ କର୍ମକର୍ତ୍ତା ଓ କର୍ମୀଙ୍କୁ ନେଇ ମଙ୍ଗଳବାର ଏକ ଶୋଭାଯାତ୍ରା ହୋଇଛି। ଏଥିରେ ଏମ୍‌ପି ସପ୍ତଗିରି ଉଲକା ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳୀୟ ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏମ୍‌ପି ଉଲାକା ଗତ ୫ ବର୍ଷ ମଧ୍ୟରେ ନିଜସ୍ୱ ପାଣ୍ଠିରୁ ଗ୍ରାମ ଓ ପଞ୍ଚାୟତଗୁଡିକୁ ଦେଇଥିବା ଅନୁଦାନ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏହିସମୟରେସମୟରେ ପଞ୍ଚାୟତବାସୀ ରାଜ୍ୟ ସରକାରଙ୍କ ଯୋଜନା ନାମକୁ ମାତ୍ର ଚାଲିଛି। ଯାହା କିଛି ଉନ୍ନୟନମୂଳକ କାମ ଚାଲିଛି ସେଥିରୁ ବ୍ଲକର କେତେଜଣ ଠିକାଦାର ଲାଭବାନ ହେଉଥିବା ଏମ୍‌ପିଙ୍କୁ କହିଥିଲେ। ଏହି ସମୟରେ ଦଳର ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ପୂର୍ବତନ ବ୍ଲକ ଅଧକ୍ଷ ଶୁକ୍ରା ଖରା, ସେବା ଦଳର ଜିଲା ସହ ସଙ୍ଗଠକ ଗୋବିନ୍ଦ ଖରା ଗାଙ୍ଗରଜପୁର ପଞ୍ଚାୟତ ସମିତିସଭ୍ୟା ବିମଳା ପାଙ୍ଗି, ବ୍ଲକ ସଭାପତି ଅର୍ଜୁନ ବାଙ୍କା, ପଞ୍ଚାୟତ ସଙ୍ଗଠକ ମଜେସ ଗାଣ୍ଡେରିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଏମ୍‌ପି ସପ୍ତଗିରି ଉଲକା ଦଳୀୟ କର୍ମୀଙ୍କ ସହ ଗ୍ରାମରେ ଶୋଭାଯାତ୍ରା କରି ବୁଲି ଦେଖୁଛନ୍ତି।

# କାର୍ଯ୍ୟକାରୀ ହେଲା ସିଟି ସ୍କାନ୍ ମେଶିନ

ମାଲକାନଗିରି,୪।୭(ଦୁର୍ଯ୍ୟୋଧନ ପାତ୍ର)

**ମାଲକାନଗିରି ଜିଲା ଚିକିତ୍ସାଳୟ**

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଣିକି ମିଳିବ ମାଗଣା ସିଟି ସ୍କାନ୍ ସୁବିଧା। ମଙ୍ଗଳବାର ଏହି ସେବା ଶୁଭାରମ୍ଭ ହୋଇଥିବା ବେଳେ ଏହାର ଉଦ୍‌ଘାଟନ ପାଇଁ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଆଡ଼ମା ରାବା, ପୂର୍ବତନ ବିଧାୟକ ମାନସ ମାଡକାମି, ଜିଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲ, ପୌର ପରିଷଦ ଅଧକ୍ଷ ମୋନାଜ କୁମାର ବାରିକ, ପୌର ପରିଷଦ ଉପାଧକ୍ଷ କବିତା ମହନ୍ତ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରଫୁଲ୍ଲ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଥିଲେ। ଚିକିତ୍ସା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଯୁଦ୍ଧ ଦେହିଂ ଡାକରା, ଅର୍ଥାଭାବରୁ ଧାରକରଜ କରି ରୋଗୀ ବିଭିନ୍ନ ପରୀକ୍ଷା ପାଇଁ ଅର୍ଥ ବ୍ୟୟ କରୁଥିବା ବେଳେ ବର୍ତ୍ତମାନ ଏହି ମେଶିନ ଦ୍ୱାରା ମାଗଣାରେ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷାର ସୁବିଧା ପାଇବେ । ଏହା ମଙ୍ଗଳବାରରୁ କାର୍ଯ୍ୟକ୍ଷମ ହୋଇଥିବା ବେଳେ ମାଲକାନଗିରି ଜିଲା ସମେତ ଛତିଶଗଡ଼ର ମଧ ହଜାର ହଜାର ରୋଗୀ ଯେଉଁମାନେ ଏହିଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି, ସେମାନେ ସୁବିଧା ପାଇପାରିବେ। ଏହି ମେଶିନ ପ୍ରଦାନ ସହ ଏହାର ସ୍ୱତନ୍ତ୍ର ଟେକ୍ନିସିଆନ ମଧ ନିୟୋଜିତ କରାଯାଇଛି। ରାଜ୍ୟ ସରକାରଙ୍କ ଉଦ୍ୟମକ୍ରମେ ସିଟି ସ୍କାନ୍ ମେଶିନ କାର୍ଯ୍ୟକ୍ଷମ କରାଯାଇଥିବା ବେଳେ ଜିଲାବାସୀ ଖୁସି ପ୍ରକାଶ କରି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।



ଜିଲା ମୁଖ୍ୟ ଚିକିତ୍ସାଳୟରେ ସିଟି ସ୍କାନ୍ ମେଶିନକୁ ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ଅନ୍ୟମାନେ ଉଦ୍‌ଘାଟନ କରୁଛନ୍ତି ।

# ପାନୀୟଜଳ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ

ମାଲକାନଗିରି,୪।୭(ଦୁର୍ଯ୍ୟୋଧନ ପାତ୍ର)




ବୈଠକରେ ଥିବା ଏମ୍‌ପି, ବିଧାୟକ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି ।

**ଜିଲା ପରିଷଦର ୭୧ତମ ବୈଠକ**

ମାଲକାନଗିରି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲଙ୍କ ଅଧକ୍ଷତାରେ ମଙ୍ଗଳବାର ୭୧ତମ ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଜିଲା ପରିଷଦ ଉପାଧକ୍ଷ ପତିତପାବନ ବୈଦ୍ୟ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ୀ, ଜିଲାପାଳ ବିଶାଲ ସିଂ ଏବଂ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ ମଞ୍ଚାସୀନ ଥିଲେ। ବୈଠକରେ ଜିଲାରେ ପାନୀୟ ଜଳ ଯୋଗାଣ, ଗମନାଗମନ, କୃଷି, ଜଳସେଚନ, ଶିକ୍ଷା ଓ ସ୍ୱାସ୍ଥ୍ୟସେବାକୁ ନେଇ ସମୀକ୍ଷା କରାଯାଇଥିଲା। ଏଠାରେ କିଭଳି ଜନସାଧାରଣ ସୁରୁଖୁରୁରେ ପାନୀୟ ଜଳ ପାଇପାରିବେ ତା' ଉପରେ ଗୁରୁତ୍ୱ ଦେବା ପାଇଁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ତା' ସହ ପାନୀୟ ଜଳର ବିଶୁଦ୍ଧୀକରଣ ଉପରେ ମଧ ଧ୍ୟାନଦେବାକୁ କୁହାଯାଇଥିଲା। ସ୍ୱାସ୍ଥ୍ୟସେବା ନେଇ ସ୍ୱାଭିମାନ ଅଞ୍ଚଳରେ ଦକ୍ଷ ଡାକ୍ତର ନିଯୁକ୍ତି, ପପୁଲର ପଞ୍ଚାୟତରେ ଦେୟମୁକ୍ତ ଆମ୍ବୁଲାନ୍ସ ସେବା, ଚିତ୍ରକୋଣ୍ଡା ଓ ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଆହାର କେନ୍ଦ୍ର ବ୍ୟବସ୍ଥା ପାଇଁ ପ୍ରସ୍ତାବ ଦିଆଯାଇଛି। ସେହିପରି ନିର୍ମାଣାଧୀନ ଅସମ୍ପୂର୍ଣ୍ଣ ଡାକ୍ତରଖାନାକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ କୁହାଯାଇଛି। ଏହି ଅବସରରେ ନୂତନ ବ୍ଲଡ୍ ବ୍ୟାଙ୍କ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି ବୋଲି ସୂଚନା ମିଳିଛି। ଯଥାଶୀଘ୍ର ରୋଗୀଙ୍କ ପାଇଁ ଏହାକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଶିକ୍ଷକମାନଙ୍କର ବଦଳି ନେଇ ଏକ ମାନଦଣ୍ଡ ପ୍ରସ୍ତୁତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅଧିକ ବର୍ଷର କାର୍ଯ୍ୟକାଳ ଏବଂ ବଦଳି ନିମନ୍ତେ ଯଥାର୍ଥ କାରଣ ତା'ସହ କର୍ତ୍ତବ୍ୟରେ ଉତ୍ତମ ପ୍ରଦର୍ଶନ ରହିଥିଲେ ସେହି ଭିତ୍ତିରେ ବଦଳି ତାଲିକା ପ୍ରସ୍ତୁତ କରିବାକୁ କୁହାଯାଇଛି। ସେହିପରି ବୈଠକରେ ଜିଲାର ଅନାଥ ଶିଶୁଙ୍କ ଥଇଥାନ ନିମନ୍ତେ ଏମ୍‌ପି ଗୁରୁତ୍ୱାରୋପ କରିଛନ୍ତି। ଜିଲା ଶିକ୍ଷାଧିକାରୀ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ ରକ୍ଷାକରି ସେମାନଙ୍କ ନିମନ୍ତେ ହଷ୍ଟେଲ ବ୍ୟବସ୍ଥା କରିଛନ୍ତି ବୋଲି ଜଣାଇଥିଲେ। ବିଶେଷକରି ଅନୁସୂଚିତ ଜାତି ଓ ଜନଜାତି ଶିଶୁଙ୍କ ରହିବା ନିମନ୍ତେ ଉତ୍ତମ ବ୍ୟବସ୍ଥା ପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ଚିତ୍ରକୋଣ୍ଡା ବିଧାୟକ ସମସ୍ତ ଜନ ପ୍ରତିନିଧିଙ୍କୁ ନିଜ ନିଜ ଅଞ୍ଚଳ ଗସ୍ତକରି ଶିକ୍ଷା କ୍ଷେତ୍ରରେ ଥିବା ଅସୁବିଧା ଦୂରକରିବାକୁ ଶପଥ ନେଇ ଶିକ୍ଷାର ବିକାଶ ନିମନ୍ତେ କାମ କରିବାକୁ ଆହ୍ୱାନ କରିଥିଲେ। ସେହିପରି ପ୍ରତ୍ୟେକ ବ୍ଲକରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆବଶ୍ୟକତା ରହିଛି। ଏଥି ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷାର ବିକାଶ ପାଇଁ ଏକ ତାଲିକା ପ୍ରସ୍ତୁତ କରିବାକୁ କୁହାଯାଇଛି। ଏହାକୁ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷା କମିଟିରେ ଉତ୍ଥାପନ କରିବେ ବୋଲି ବିଧାୟକ ବାକା କହିଛନ୍ତି। ସେହିପରି ଅଗ୍ରାଧିକାର ଭିତ୍ତିରେ ଅଧାପନ୍ତରିଆ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ କୁହାଯାଇଛି। ଅଙ୍ଗନୱାଡି ନ ଥିବା ସ୍ଥାନରେ ଅବ୍ୟବହୃତ ବିଦ୍ୟାଳୟଗୃହକୁ ମଧ୍ୟ ବ୍ୟବହାର କରାଯାଇ ପାରିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ସେହିପରି କୃଷକମାନେ ଯେଉଁଭଳି ରିହାତି ଦରରେ ସାର ଏବଂ ବିହନ ପାଇବେ ସେଥିନିମନ୍ତେ ଧ୍ୟାନ ଦେବାକୁ କୃଷି ବିଭାଗକୁ କୁହାଯାଇଥିଲା। ଜାତୀୟ ଖାଦ୍ୟ ସୁରକ୍ଷା ମିଶନ ଅଧୀନରେ ଚାଷୀ ଯେଭଳି ଉପକୃତ ହେବେ ସେଥିପ୍ରତି ସଜାଗ ରହିବାକୁ କୁହାଯାଇଥିଲା। ବିଶେକରି ରାଜ୍ୟ ସରକାର ମିଲେଟ ମିଶନକୁ ଗୁରୁତ୍ୱ ଦେଉଛନ୍ତି। ତେଣୁ ପ୍ରତ୍ୟେକ ପଞ୍ଚାୟତ ସ୍ତରରେ ଏହି ମିଶନ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏମ୍‌ପି କହିଥିଲେ। ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲା ପାଇଁ ୧୭୨ କି.ମି.ର ୨୧ ରାସ୍ତା ନିର୍ମାଣ ଲାଗି ୧୫୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଜିଲାର ବିକାଶ ପାଇଁ ସବୁବେଳେ ପ୍ରାଥମିକତା ଦେଇ ଆସିଛନ୍ତି ବୋଲି ଏମ୍‌ପି ପ୍ରକାଶ କରିଥିଲେ। ଏଥିନିମନ୍ତେ ଗୃହରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଜିଲାରେ ମସଲା ମିଶନ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଉଦ୍ୟାନ ଚାଷୀଙ୍କୁ ହଳଦୀ, ଅଦା, ଲଙ୍କା ଓ ଧନିଆ ଚାଷ କରିବାକୁ ପ୍ରୋତ୍ସାହନ ଦିଆଯାଉଛି ବୋଲି ଉଦ୍ୟାନ କୃଷି ଅଧିକାରୀ କହିଥିଲେ।

ଜିଲାରେ ହଳଦୀ ଚାଷ ନିମନ୍ତେ ୪୦୭ ହେକ୍ଟର ଜମି ଚିହ୍ନଟ କରାଯାଇଥିଲା। ସେଥିରୁ ୨୦୦ ହେକ୍ଟର ଜମିରେ ଚାରାରୋପଣ କରାଯାଇଛି। ଅଦାଚାଷ ନିମନ୍ତେ ୨୫ ହେକ୍ଟର ଜମିରୁ ୧୩ ହେକ୍ଟର ଜମିରେ ଚାରା ରୋପଣ ସରିଛି। ଉତ୍ତମ ଗୁଣବତ୍ତାସମ୍ପନ୍ନ ବିହନ ପ୍ରଦାନ ପାଇଁ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଏହି ବୈଠକରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୈଠକରେ ୭ବ୍ଲକ ଅଧକ୍ଷା ଓ ଅଧକ୍ଷ, ଜିଲା ପରିଷଦର ସମସ୍ତ ସଦସ୍ୟ ସଦସ୍ୟା, ସମସ୍ତ ଜିଲାସ୍ତରୀୟ କ୍ଷେତ୍ର ଅଧିକାରୀ ଉପସ୍ଥିତ ଥିଲେ।

